ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୪
୧ ନଭେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 174
1st November, 2025 Saturday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

# ପ୍ରଦୂଷଣ: ଦିଲ୍ଲୀର ୭୫% ପରିବାର ଭାଇରାଲ୍ ରୋଗରେ ପୀଡ଼ିତ

**ନୂଆଦିଲ୍ଲୀ,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଦିଲ୍ଲୀ ଏବେ ବିଷାକ୍ତ ଧୂଆଁରେ ଆକ୍ରାନ୍ତ । ଶ୍ୱାସରୁଦ୍ଧ ଜନତା । ଯିଏ ପଦାକୁ ବାହାରୁଛି ତାଙ୍କ ପାଇଁ ମାସ୍କ ଜରୁରୀ ହୋଇପଡିଛି । ଏମିତିରେ ଦିଲ୍ଲୀବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା କେମିତି ଅଛି ଜାଣିବାକୁ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲସର୍କଲ୍ସର ଯେଉଁ ସର୍ଭେ କରିଥିଲା ତାହା ସମସ୍ତଙ୍କୁ ଚମକାଇ ଦେଇଛି । ସର୍ଭେରୁ ଜଣାପଡିଛି ଯେ ଏହି ଅଞ୍ଚଳର ପ୍ରତି ୪ ପରିବାରରେ ତିନି ଜଣଙ୍କ ମଧ୍ୟରୁ ଅତି କମରେ ଜଣେ ଅସୁସ୍ଥ ଅଛନ୍ତି । କାରଣ ବିଷାକ୍ତ ବାୟୁ ଏବଂ ଋତୁକାଳୀନ ଭାଇରସ ପରସ୍ପର ସହିତ ମିଶି ଏକ ବଡ଼ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛନ୍ତି ।

ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ ଏବଂ ଗାଜିଆବାଦରୁ ୧୫,୦୦୦ରୁ ଅଧିକ ବ୍ୟକ୍ତିଙ୍କୁ ନେଇ



ଏହି ସର୍ଭେ କରାଯାଇଥିଲା । ଗତ ମାସକ ମଧ୍ୟ ରାଜଧାନୀବାସୀଙ୍କର ସ୍ୱାସ୍ଥ୍ୟ ଦ୍ରୁତ ଗତିରେ ଖରାପ ହୋଇଛି । ସେପ୍ଟେମ୍ବର ଶେଷ ଭାଗରେ, ୫୬% ପରିବାରରେ ଗୋଟିଏ କିମ୍ବା ଅଧିକ ସଦସ୍ୟ ଅସୁସ୍ଥ ଥିବା ରିପୋର୍ଟ କରାଯାଇଥିଲା । ବର୍ତ୍ତମାନ ଏହି ସଂଖ୍ୟା ୭୫% କୁ ବୃଦ୍ଧି ପାଇଛି ।

ରାଜଧାନୀ ସାରା H3N2 ଇନଫ୍ଲୁଏଞ୍ଜା ଏବଂ ଅନ୍ୟାନ୍ୟ ଭାଇରାଲ୍ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ଡାକ୍ତରମାନେ ରିପୋର୍ଟ କରୁଛନ୍ତି । ଏଥିରେ ଲଗାତାର ଜ୍ୱର ଏବଂ କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଏବଂ ଥକ୍କାପଣ ପର୍ଯ୍ୟନ୍ତ ଲକ୍ଷଣ ଦେଖାଯାଉଛି । ଏଥିରୁ ସୁସ୍ଥ ହେବା ସମୟ ୧୦ ଦିନରୁ ଅଧିକ ହୋଇଯାଉଛି ବୋଲି ଦିଲ୍ଲୀ ବାସିନ୍ଦାମାନେ କହିଛନ୍ତି । ଏହି ଭାଇରସ ପିଲା, ବୃଦ୍ଧ ଏବଂ ପୂର୍ବରୁ ଥିବା ରୋଗରେ ପୀଡିତ ଲୋକଙ୍କୁ ସର୍ବାଧିକ ପ୍ରଭାବିତ କରୁଛି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି ।

ଦୀପାବଳିଠାରୁ ରାଜଧାନୀ ଦିଲ୍ଲୀର ପବନ ବିଷାକ୍ତ ହୋଇଯାଇଛି । ଦୀପାବଳିର ବାଣ ଧୂଆଁ, ପଡ଼ୋଶୀ ରାଜ୍ୟଗୁଡ଼ିକରେ ଫସଲ ଅବଶେଷ ପୋଡି ଆଦି ଘଟଣା ଓ ସ୍ଥାନୀୟ କଳକାରଖାନାରେ ଅଙ୍ଗାରକାମ୍ଳ ନିର୍ଗମନ ଯୋଗୁ ଦିଲ୍ଲୀରେ ବାୟୁର ମାନ (ଏକ୍ୟୁଆଇ) ସ୍ତର ୪୦୦ରୁ ୫୦୦ ମଧ୍ୟରେ ରହିଛି । ସୂକ୍ଷ୍ମ କଣିକା ପଦାର୍ଥ ସ୍ତର ପ୍ରତି ମିଟରରେ ୩୫୦ ଗ୍ରାମରେ ପହଞ୍ଚିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ସୀମାଠାରୁ ପ୍ରାୟ ଦଶ ଗୁଣ ଅଧିକ ।

ଲୋକାଲସର୍କଲ୍ସ ସର୍ଭେରୁ ଜଣାପଡିଛି ଯେ ପ୍ରତି ୪ ପରିବାରରେ ୩ ଜଣ ଶ୍ୱାସକ୍ରିୟା ସମସ୍ୟା, କାଶ, ଗଳା ଯନ୍ତ୍ରଣା, ନାକ ବନ୍ଦ ହେବା, ଆଖି ପୋଡ଼ିବା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହା ବାୟୁ ପ୍ରଦୂଷଣର ମୂଳ ଲକ୍ଷଣ ।

ରିପୋର୍ଟରେ କୁହାଯାଇଛି 'ଦିଲ୍ଲୀର ବାସିନ୍ଦାମାନେ ଦ୍ୱିଗୁଣିତ କ୍ଷତିର ସମ୍ମୁଖୀନ ହେଉଛନ୍ତି । ମୌସୁମୀରେ ହେଉଥିବା ଭାଇରାଲ୍ ସଂକ୍ରମଣ ବିପଜ୍ଜନକ ଭାବରେ ଉଚ୍ଚ ପ୍ରଦୂଷଣ ସହିତ ମିଶିଛି । ଯାହା ଦ୍ୱାରା ସୁସ୍ଥ ହେବା କଷ୍ଟକର ଏବଂ ଶ୍ୱାସକ୍ରିୟା ରୋଗର ସମ୍ଭାବନା ବୃଦ୍ଧି ପାଇଛି ।'

ସର୍ଭେର ତଥ୍ୟରୁ ଜଣାପଡିଛି ଯେ ୧୭% ଉତ୍ତରଦାତାଙ୍କ ପରିବାରରେ ୪ କିମ୍ବା ତା'ଠାରୁ ଅଧିକ ଅସୁସ୍ଥ ବ୍ୟକ୍ତି ଅଛନ୍ତି । ୨୫% ଲୋକଙ୍କର ଦୁଇରୁ ତିନି ଜଣ ଅସୁସ୍ଥ ସଦସ୍ୟ ଅଛନ୍ତି । ୩୩% ଲୋକଙ୍କର ଜଣେ ଅସୁସ୍ଥ ବ୍ୟକ୍ତି ଅଛନ୍ତି । କେବଳ ୨୫% ପରିବାର ସମସ୍ତେ ସୁସ୍ଥ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି ।

ଗବେଷଣାରେ କୁହାଯାଇଛି ଯଦି ତୁରନ୍ତ ହସ୍ତକ୍ଷେପ ନିଆନଯାଏ, ତେବେ ସ୍ୱାସ୍ଥ୍ୟ ସମସ୍ୟା ଆହୁରି ଖରାପ ହୋଇପାରେ । ସର୍ଭେ ଗବେଷକମାନେ କର୍ତ୍ତୃପକ୍ଷଙ୍କୁ ଯାନବାହାନ ନିର୍ଗମନ, ନିର୍ମାଣ କାର୍ଯ୍ୟରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ରାଧା ପାଦ ଦର୍ଶନ



**ସାକ୍ଷୀଗୋପାଳ,୩୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ଉପଲକ୍ଷେ ଶୁକ୍ରବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ବର୍ଷକୁ ଗୋଟିଏ ଦିନ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ଓଡିଆଣୀ ବେଶରେ ଦୁର୍ଲ୍ଲଭ ଦର୍ଶନ ସହିତ ସାକ୍ଷୀଗୋପିନାଥଙ୍କ ନଟବର ବେଶରେ ନୃତ୍ୟରତ ଭଙ୍ଗିରେ ଶୋଭାପାଇଥିଲେ । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଗୁରୁବାର ରାତି ୧ ଘଣ୍ଟାରୁ ମନ୍ଦିର ଦ୍ୱାରଫିଟା ପରେ ଦେବନୀତି ଆରମ୍ଭ କରାଯାଇ ସାକ୍ଷୀଗୋପିନାଥଙ୍କ ନଟବର ବେଶରେ ପ୍ରଭୁ ଦ୍ୱାପର ଯୁଗରେ ଗୋପୀମାନଙ୍କ ସହ ବୃନ୍ଦାବନରେ ଶରଦ ରାସ ରଚନା କରିଥିଲେ । ଶ୍ରୀକୃଷ୍ଣଙ୍କ ମନୋହର ନଟବର ବେଶ ଦର୍ଶନ କରି ଭକ୍ତମାନେ ଅପୂର୍ବ ଆନନ୍ଦ ଲାଭ କରିଥାନ୍ତି । ସାକ୍ଷୀଗୋପିନାଥଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଇ ଠାକୁର ଓ ଠାକୁରାଣୀଙ୍କ ବେଶ ପରେ ନିର୍ଦ୍ଧାରିତ ସମୟ ପୂର୍ବରୁ ସାହାଣମେଲା ପାଦଦର୍ଶନ ଆରମ୍ଭ ହୋଇଥିଲା । ମନ୍ଦିର ସମ୍ମୁଖରେ ନିର୍ମିତ ଛାୟାପ୍ରଦ ବାରିକେଟ ମଧ୍ୟରେ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ପ୍ରବେଶ କରି ସାକ୍ଷୀଗୋପାଳଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡିଆଣୀ ବେଶ ଓ ପାଦ ଦର୍ଶନ, ଦୀପଦାନ, ଅଁଳା ବୃକ୍ଷ ପରିକ୍ରମା ଓ ପୂଜାର୍ଚ୍ଚନା ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିଥିଲେ । କାର ପାର୍କିଙ୍ଗ୍ ସ୍ଥଳରୁ ବରିଷ୍ଠ ନାଗରିକ ଓ (ଶେଷ ପୃଷ୍ଠା ଦେଖନ୍ତୁ)

# ଅଡୁଆରେ ବ୍ରହ୍ମପୁର ଏସ୍‌ପି

**କଟକ,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

## ସ୍ପଷ୍ଟୀକରଣ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଏସପି ଗଣମାଧ୍ୟମରେ ଦେଇଥିବା ବୟାନରେ ହାଇକୋର୍ଟରେ ବିଚାରାଧୀନ ବ୍ରହ୍ମପୁର ବିଧାନସଭା ଆସନ ସଂପର୍କିତ ନିର୍ବାଚନୀ ମୋକଦ୍ଦମା ସଂକ୍ରାନ୍ତରେ ଦେଇଥିବା ଟିପ୍ପଣୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ସହିତ ବ୍ରହ୍ମପୁର ଏସପିଙ୍କ ନିକଟରୁ ସ୍ପଷ୍ଟୀକରଣ ଲୋଡିଛନ୍ତି । କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଏସପି ଏପରି ବ୍ୟକ୍ତିବ୍ୟ ଦେଇଥିଲେ ସେ ନେଇ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଶେଷ କରି ହାଇକୋର୍ଟ ଶୁଣୁଥିବା ନିର୍ବାଚନୀ ମୋକଦ୍ଦମା ପ୍ରସଂଗରେ ଉଲ୍ଲେଖ କରି ଏସପି କେଉଁ ସ୍ଥିତିରେ ଏପରି ବକ୍ତବ୍ୟ ରଖିଥିଲେ ଓ ଏପରି ଆଚରଣକୁ ଅଦାଲତଙ୍କ ଅବମାନନା ଭାବେ କାହିଁକି ଗ୍ରହଣ କରା ନ ଯିବ ସେ ନେଇ ସ୍ପଷ୍ଟୀକରଣ ଦେବାକୁ ହାଇକୋର୍ଟ କହିଛନ୍ତି । ନଭେମ୍ବର ୭ ସୁଦ୍ଧା ହାଇକୋର୍ଟରେ ଏପରି ସ୍ପଷ୍ଟୀକରଣ ଏସପି ଦାଖଲ କରିବେ । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମପୁର ଆସନ ସଂପର୍କିତ ନିର୍ବାଚନୀ ମୋକଦ୍ଦମାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ପୀତବାସ ହତ୍ୟା ମାମଲାର ସାମ୍ବାଦିକ ସମ୍ମିଳନୀରେ ଏସପି (ଶେଷ ପୃଷ୍ଠା ଦେଖନ୍ତୁ)

# ଓକିଲମାନଙ୍କୁ ସମନ ପଠାଇପାରିବେନି ଯାଞ୍ଚ ଏଜେନ୍ସି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଜାରି କରି କହିଛନ୍ତି ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ କେବଳ ଅତି ସୀମିତ ମାମଲାରେ ଓକିଲମାନଙ୍କୁ ପଚରାଉଚରା ପାଇଁ ସମନ କରିପାରିବେ । ଏହି ସମନ କେବଳ ସେହି କ୍ଷେତ୍ରରେ ଜାରି କରାଯାଇପାରିବ ଯାହା ଭାରତୀୟ ପ୍ରମାଣ ଆଇନର ଧାରା ୧୩୨ର ବ୍ୟତିକ୍ରମ ଅଧୀନରେ ଆସେ । ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗାଭାଇ, ବିଚାରପତି କେ. ବିନୋଦ ଚନ୍ଦ୍ରନ ଏବଂ ବିଚାରପତି ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଅଭିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ମନଇଚ୍ଛା ସମନ ଜାରି କରାଯିବାର ସୁପ୍ରିମକୋର୍ଟ ସ୍ୱତଃ ତଦନ୍ତ କରିଥିଲେ ।

ଖଣ୍ଡପୀଠ କହିଛନ୍ତି ଯେ ସମନ କେବଳ ସେହି କ୍ଷେତ୍ରରେ ଜାରି କରାଯାଇପାରିବ ଯାହା ଭାରତୀୟ ପ୍ରମାଣ ଆଇନର ଧାରା ୧୩୨ର ବ୍ୟତିକ୍ରମ ଅଧୀନରେ ଆସେ, ଅର୍ଥାତ୍, ଯେଉଁଠାରେ କ୍ଲାଏଣ୍ଟ ଏକ ଅପରାଧିକ କାର୍ଯ୍ୟରେ ଓକିଲଙ୍କଠାରୁ ସହାୟତା ଲୋଡିଛନ୍ତି । କୋର୍ଟ କହିଛନ୍ତି ଯେ ଅନ୍ୟ ମାମଲାରେ, ଓକିଲଙ୍କୁ କ୍ଲାଏଣ୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଡକ୍ୟୁମେଣ୍ଟ ଏବଂ ସୂଚନା ହସ୍ତାନ୍ତର କରିବାକୁ କୁହାଯାଇପାରିବ ନାହିଁ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଜଣେ ଓକିଲଙ୍କୁ କେବଳ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ପଦର ଅଧିକାରୀଙ୍କ ଅନୁମତି ନେଇ ସମନ କରାଯାଇପାରିବ ଏବଂ ଓକିଲ ଏହି ସମନକୁ କୋର୍ଟରେ ଚ୍ୟାଲେଞ୍ଜ କରିପାରିବେ । କୋର୍ଟ କହିଛନ୍ତି ଯେ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କ୍ଲାଏଣ୍ଟ କିମ୍ବା ଓକିଲ ବିଏନଏସଏସର ଧାରା ୫୨୮ ଅନୁଯାୟୀ କୋର୍ଟରେ ଚ୍ୟାଲେଞ୍ଜ କରିପାରିବେ । କୋର୍ଟ କହିଛନ୍ତି ଯେ ଯଦି ଜଣେ ଅଭିଯୁକ୍ତଙ୍କ ଓକିଲଙ୍କୁ ସମନ ଜାରି କରାଯାଏ, ତେବେ ଏହା ସେହି ଆଧାର ଉଲ୍ଲେଖ କରିବା ଉଚିତ ଯେ ମାମଲାକୁ ଧାରା ୧୩୨ର ବ୍ୟତିକ୍ରମ ଭାବରେ ବିବେଚନା କରାଯାଏ । କୋର୍ଟ କହିଛନ୍ତି ଯେ ଏପରି କ୍ଷେତ୍ରରେ, ଓକିଲଙ୍କ ପାଖରେ ଥିବା ଡକ୍ୟୁମେଣ୍ଟଗୁଡ଼ିକର ଉପସ୍ଥାପନ ଧାରା ୧୩୨ର ସୁବିଧା ଅଧୀନରେ ଆସିବ ନାହିଁ, ତାହା ଏକ ଦେୱାନୀ କିମ୍ବା ଫୌଜଦାରୀ ମାମଲା ହେଉ ।

# ତିନିଦିନ ଧରି ବିଦ୍ୟାର୍ଥୀଙ୍କ ମଧ୍ୟାହ୍ନ ଭୋଜନ ବର୍ଜନ

**ମାର୍ଶାଘାଇ,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଦଶୀପୁର ପଞ୍ଚାୟତ ଆଦମପୁର ବାଲଣା ଗ୍ରାମର ଦୋଳଗୋବିନ୍ଦଜୀଉ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ତିନିଦିନ ଧରି ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉନଥିବା ଦେଖିବାକୁ ମିଳିଛି । ସ୍କୁଲର ଆଭ୍ୟନ୍ତରଣ ବିଶୃଙ୍ଖଳାକୁ ନେଇ ଚପଳମତି ଛାତ୍ରଛାତ୍ରୀମାନେ ସ୍କୁଲରେ ରୋଷେଇ ହେଉଥିବା ମଧ୍ୟାହ୍ନ ଭୋଜନ ଖାଉନଥିବା ଜଣାପଡିଛି । ତେବେ ମାତ୍ର ୫କିଲୋମିଟର ଦୂରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ତିନି ଦିନ ପରେବି ସମାଧାନର ସୂତ୍ର ବାହାରୁନି ।

ଏହି ବିଦ୍ୟାଳୟରେ ଶିଶୁବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୧ ଛାତ୍ରଛାତ୍ରୀ ପାଠ (ଶେଷ ପୃଷ୍ଠା ଦେଖନ୍ତୁ)

# ପ୍ରୀତିରଞ୍ଜନ ଘଡ଼େଇଙ୍କ ଅସ୍ଥାୟୀ ଘରେ ରେଡ୍

**ନୂଆପଡ଼ା,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଉପନିର୍ବାଚନ ପାଇଁ ନୂଆପଡ଼ା ମାହୋଲ ସରଗରମ ରହିଛି । ଭୋଟ ତାରିଖ ପାଖେଇ ଆସୁଥିବା ବେଳେ ନିର୍ବାଚନ ପ୍ରଚାର ଓ ରାଜନୈତିକ ବୟାନବାଜି ତୀବ୍ର ହେବାରେ ଲାଗିଛି । ଏହାରି ଭିତରେ ଏକ ବଡ଼ ଖବର ସାମନାକୁ ଆସିଛି । ବିଜେଡି ନେତା ତଥା କୋରେଇର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ଘରେ ରେଡ୍ ହୋଇଛି । ନୂଆପଡ଼ା ଖରିଆର୍ ରୋଡରେ ଥିବା ତାଙ୍କ ଅସ୍ଥାୟୀ ଘରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଚଢଉ ହୋଇଛି । ଉପ ନିର୍ବାଚନରେ ସମୟରେ ବେଆଇନ ଟଙ୍କା ରଖିଥିବା ଅଭିଯୋଗରେ ଏହି ଚଢଉ ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ପ୍ରଚାର ଦାୟିତ୍ୱରେ ଅଛନ୍ତି ପ୍ରୀତିରଞ୍ଜନ ଘଡ଼େଇ ।

ତେବେ ଏହି ଚଢଉ ସମୟରେ ପ୍ରୀତିରଞ୍ଜନଙ୍କ ଘରର କେୟାରଟେକର ଓ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା । ବିନା କୌଣସି ସର୍ଚ୍ଚ ୱାରେଣ୍ଟରେ ମାଜିଷ୍ଟ୍ରେଟ ରେଡ୍ ପାଇଁ ଆସିଥିବା କେୟାରଟେକର ଅଭିଯୋଗ କରିଛନ୍ତି । ସେପଟେ ଏହି ଘଟଣାକୁ ବେଆଇନ ବୋଲି ବିଜେଡି କହିଛି । ଭୟଭୀତ ହୋଇ ସରକାର ଏଜେନ୍ସି ଲଗାଇ ଏପରି କରୁଥିବା ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ କହିଛନ୍ତି । ଏହାସହ ଏପରେ କଲେ ବିଜୁ ଜନତା ଦଳ ଚୁପ୍ ହୋଇ ରହିବ ନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି ।

ତେବେ ଏସବୁ ମଧ୍ୟରେ ପୁଲିସ ପ୍ରଶାସନର କାର୍ଯ୍ୟ ଏବେ ଶାସକ ବିଜେପି ପାଇଁ ଅଡୁଆ ବଢ଼ାଇବାରେ ଲାଗିଛି । ୩ଦିନ ବ୍ୟବଧାନରେ ଦୁଇଥର ଚଢ଼ାଉ କରି ଖାଲି ହାତରେ ଫେରିବା (ଶେଷ ପୃଷ୍ଠା ଦେଖନ୍ତୁ)

# ଆଶା ଆଶଙ୍କାରେ ଭିତରକନିକା ଇକୋରିଟ୍ରିଟ୍

**ରାଜନଗର,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ଚଳିତବର୍ଷ ଇକୋରିଟ୍ରିଟ୍ ନିର୍ମାଣ ଚାଲିଥିବା ବେଳେ ବନବିଭାଗ ବନ୍ଦ କରିଛି । ନଭେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥାଆନ୍ତା । ବନବିଭାଗ ବନ୍ଦ କରି ଦେଇଛି । ପ୍ରଥମେ ଏହି ବ୍ଲକ ନଳିତାପାଟିଆଠାରେ ଇକୋରିଟ୍ରିଟ୍ ଆରମ୍ଭ ହୋଇଥିଲା । ଏହା ପରଠାରୁ ଚାରିଥର ପେଣ୍ଠ ବେଳାଭୂମିରେ ଇକୋରିଟ୍ରିଟ୍ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପେଣ୍ଠ ବେଳାଭୂମୀରେ ୫ମ ଓ ବ୍ଲକରେ ଷଷ୍ଠ ଇକୋରିଟ୍ରିଟ୍ ଅନୁଷ୍ଠିତ ହୋଇଥାଆନ୍ତା । ଏହି ଇକୋରିଟ୍ରିଟ୍ ଭିତରକନିକା ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଆଇନକୁ ଉଲଂଘନ କରାଯାଇ ଅନୁଷ୍ଠିତ ହୋଇ ଆସୁଥିଲା । ଗତବର୍ଷ ଏହି ଇକୋରିଟ୍ରିଟକୁ ନେଇ ସାମଜସେବୀ ଆଳୟ ସାମନ୍ତରାୟ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ, ପେଣ୍ଠ ବେଳାଭୂମୀ ଭିତରକନିକା ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ୧୯୭୨ ବନ୍ୟପ୍ରାଣୀ ଆଇନକୁ ଇକୋରିଟ୍ରିଟ୍ ଉଲଂଘନ କରୁଛି । ବିଶେଷକରି ଏହି ସମୟରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଆଜିଠୁ ସୁଭଦ୍ରା ଆବେଦନ

**ଭୁବନେଶ୍ୱର,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାରଠାରୁ ସୁଭଦ୍ରା ଆବେଦନ । ୨୧ ବର୍ଷ ବୟସ ହୋଇଥିଲେ ଶନିବାରଠୁ ସୁଭଦ୍ରା ଯୋଜନାରେ ଆବେଦନ କରିପାରିବେ । ସୁଭଦ୍ରା ପୋର୍ଟାଲରେ ଅନଲାଇନ୍‌ରେ ଆବେଦନ କରିପାରିବେ ହିତାଧିକାରୀ । ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ୨୧ ବର୍ଷ ହୋଇଥିଲେ ସୁଭଦ୍ରା ହିତାଧିକାରୀ ଭାବେ ଯୋଡ଼ି ହୋଇପାରିବେ । ଯେଉଁଠି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି ସେ ଅଞ୍ଚଳକୁ ଛାଡ଼ି ଅନ୍ୟ ସମସ୍ତେ ପୋର୍ଟାଲ ବ୍ୟବହାର କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ବାର୍ଷିକ ୧୮ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ । ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି ? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ହଜାର ଟଙ୍କା କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି ? ଯଦି ଆପଣ ଏପରି କିଛି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ । ଏ ନେଇ ଦୁଇ ବିଭାଗରୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ ବିକାଶ ବିଭାଗ । ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ ।

'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ବର୍ଷ




କିମ୍ବା ତା'ଠାରୁ ଅଧିକ ଏବଂ ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେ କ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ । ଏ ନେଇ ବିଭାଗକୁ ଅନେକ ଅଭିଯୋଗ ମିଳିଛି । ଛାତ୍ରୀମାନଙ୍କୁ ଯେଉଁ ବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇ ପାରୁନାହିଁ । ଏନେଇ ବିସ୍ତୃତ (ଶେଷ ପୃଷ୍ଠା ଦେଖନ୍ତୁ)

# କେନ୍ଦ୍ରାପଡ଼ାବାସୀଙ୍କ ଭାଗ୍ୟ କ'ଣ କେବଳ ପ୍ରତିଶ୍ରୁତିରେ ରହିଯିବ ?

**କେନ୍ଦ୍ରାପଡ଼ା,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଅନେକ ପ୍ରତିଶ୍ରୁତି ମିଳିଛି । ଜିଲ୍ଲାରେ ପାୱାରପ୍ଲାଣ୍ଟ, ଇଣ୍ଡଷ୍ଟ୍ରିଆଲ କରିଡ଼ର, ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦର, ନଦୀଜଳ ପରିଚାଳନା ସହିତ କୃଷିର ବିକାଶ, ଦୁନିଆର ସବୁଠାରୁ ବଡ଼ ଇସ୍ପାତ କାରଖାନା ଆଦି କେତେ କ'ଣ । ହେଲେ ଏସବୁର ଚିହ୍ନବର୍ଣ୍ଣ ନାହିଁ । ତେବେ ବହୁ ପୂର୍ବରୁ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ୍‌ର ବିଭିନ୍ନ ପଂଚାୟତ ପାଇଁପୂର୍ବ ସରକାରଙ୍କ ପକ୍ଷରୁ ଶୁଭ ଦିଆଯାଇଥିବା ମେଗା ଜଳ ଯୋଗାଣ ପ୍ରକଳ୍ପ ଏଯାଏ କାର୍ଯ୍ୟକ୍ଷମ ହେଲାନାହିଁ । ସେହିପରି ପରବର୍ତ୍ତୀ କାଳରେ ଆରମ୍ଭ କରାଯାଇଥିବା ଅନ୍ୟ ୫ଟି ମେଗା ଜଳ ଯୋଗାଣ ପ୍ରକଳ୍ପ କେବେ ଶେଷ ହେବ ତା'ର ଠିକ୍ ଠିକଣା ନାହିଁ । ଜିଲ୍ଲାରେ ବିଳମ୍ବରେ ନିର୍ମିତ ମାତୃ ଓ ଶିଶୁ ଚିକିତ୍ସାଳୟ ବିଲ୍ଡିଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲେ ହେଁ ଏଠାରେ ଏଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ଯେଉଁ ଚିକିତ୍ସା ସୁବିଧା ମିଳିବା କଥା ତାହା ମିଳିପାରିଲା ନାହିଁ । ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଓ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ନେଇ ଦଳମତ ନିର୍ବିଶେଷରେ ହୋଇ ଆସୁଥିବା ଦାବି ଅଣଦେଖା ହୋଇ ରହିଛି । ଜିଲ୍ଲା କଥା ଦୂରରେ ଥାଉ ଜିଲ୍ଲା ସଦର ମହକୁମା କେନ୍ଦ୍ରାପଡ଼ା ସହର କଥା ସରକାର କ'ଣ ବୁଝିଛନ୍ତି ତାହା ବୁଝାପଡୁନି ବୋଲି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।

ଅନେକଙ୍କ କହିବା କଥା ହେଲା ଯେ, କଟକ-ଚାନ୍ଦବାଲି ରାଜ୍ୟ ରାଜପଥରୁ ତିନିମୁହାଣି ଛକଦେଇ ସାଧାରଣତଃ ଲୋକେ କେନ୍ଦ୍ରାପଡ଼ା ସହର ଭିତରକୁ ପ୍ରବେଶ କରିଥାନ୍ତି । କେନ୍ଦ୍ରାପଡ଼ା ସହରର ମୁଖ୍ୟ ରାସ୍ତାଟି ଏହି ତିନିମୁହାଣି ଠାରୁ ଆରମ୍ଭ ହୋଇ ଇଚ୍ଛାପୁର ଯାଏ ଯାଇଛି । ରାଜ୍ୟର ସର୍ବପ୍ରାଚୀନ କେନ୍ଦ୍ରାପଡ଼ା ପୌରାଂଚଳର ଏହି ରାସ୍ତାକୁ ପ୍ରଶସ୍ତ କରି ଏକ ସଦୃଶ ରାସ୍ତାରେ ପରିଣତ କରିବା କିମ୍ବା ଏହାର ଏକ ବିକଳ୍ପ ପ୍ରଶସ୍ତ ରାସ୍ତା ନିର୍ମାଣ କରିବା ଦିଗରେ ଏଯାଏ କୌଣସି ପରିକଳ୍ପନା କରାଯାଇପାରିଲାନାହିଁ । ନୂଆ ବସଷ୍ଟାଣ୍ଡ ଠାରୁ ଗୋବରୀ ବନ୍ଧ ନିର୍ମାଣ ସହିତ ଯଦିଓ ଏହାକୁ ଗରାପୁର ଡ଼ାକବଙ୍ଗଳା ଯାଏ ସଂପ୍ରସାରିତ କରିବାକୁ କାମ ଆରମ୍ଭ ହୋଇଥିଲା, ତାହା ଠପ୍ ହୋଇଯାଇଛି । ତାହା କେବେ ପୁଣି ଆରମ୍ଭ ହେବ ଓ ଶେଷ ହେବ ତା'ର ଜବାବ କାହାପାଖରେ ନାହିଁ । ତେବେ ଏହି ରାସ୍ତା ଦେଇ ବିନା ବାଧାରେ ସହରର ସମସ୍ତ ପ୍ରମୁଖ ସ୍ଥାନମାନଙ୍କୁ ଯିବା ସମ୍ଭବ ହେବ ନାହିଁ ।

ଏପରିକି ପ୍ରସିଦ୍ଧ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ବି ନୁହେଁ । ଛଗଘରିଆ ଠାରୁ ଜାତୀୟ ରାଜପଥରୁ ବହୁ ପ୍ରାଚୀନ ଶ୍ରୀଜୀଉଙ୍କ ମନ୍ଦିରକୁ ଓ ନବ ନିର୍ମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚାରି ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣର ସୁଯୋଗ ରହିଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ । ଅତଏବ ତିନିମୁହାଣି ଠାରୁ ଇଚ୍ଛାପୁର ଯାଏ ଯାଇଥିବା ସଂକୀର୍ଣ୍ଣ ରାସ୍ତାଟି ସହରର ଏକମାତ୍ର ମୁଖ୍ୟରାସ୍ତା ଭାବେ ପରିଗଣିତ ହେଉଛି ଏବଂ ଆହୁରି ଯେ ବହୁ ବର୍ଷ ଯାଏ ପରିଗଣିତ ହେବ ଏଥିରେ ସନ୍ଦେହ ନାହିଁ ବୋଲି କୁହାଯାଉଛି । ହେଲେ ବିକଳ୍ପ ରାସ୍ତା କରାଇବାରେ ପ୍ରଶାସନ ଓ ସରକାର ବିଫଳ ହୋଇଛନ୍ତି । ଯେଉଁ ମୁଖ୍ୟ ରାସ୍ତା ବି ରହିଛି ତାକୁ ଜବର ଦଖଲରୁ ମୁକ୍ତ ରଖି ସେଥିରେ ଅବାଧ ଯାନବାହାନ ଚଳାଚଳ ନିମନ୍ତେ ଯଥାସମ୍ଭବ ସୁଯୋଗ ସୃଷ୍ଟି କରିବା ଦାୟିତ୍ୱ ଟିକେ ନେବାକୁ ବି ଅସମର୍ଥ ହୋଇଛନ୍ତି । ସହର ଭିତର କଥା ଯାହା ହେଉ ପଛେ ସହରର ମୁଖ୍ୟ ପ୍ରବେଶ ପଥ ତିନିମୁହାଣି ଠାରୁ ଅନ୍ତତଃ କଜଳା ଛକ ଯାଏ ଚାରି ଲାଇନ୍ ବିଶିଷ୍ଟ ରାସ୍ତା କରିବାର ସୁଯୋଗ ଥିଲେ ମଧ୍ୟ ତାକୁ ଅଣଦେଖା କରାଗଲା । କିଛି ବର୍ଷ ପରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିବା ରାସ୍ତାକୁ ପୌର କର୍ତ୍ତୃପକ୍ଷ ଦଖଲ କରିନେଇ ସେଥିରେ ଭେଣ୍ଡିଂ ଜୋନ୍ ବସାଇ ଦେଲେ । ଯାହା ଦୀର୍ଘ ବର୍ଷ ପରେ ବି ଆଜି କୌଣସି କାମରେ ଲାଗୁନି । ଏଥିପାଇଁ ଯାହା ତ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହୋଇଥିଲା ପରେ ପୁଣି ନିମ୍ନମାନର ଲୁହା କ୍ୟାବିନ୍ ସବୁ କଳଙ୍କି ଲାଗି ଝଡ଼ିବାରୁ ଏହାର ମରାମତି ଓ ପୁନଃ ରଙ୍ଗ ଦେଇ ବିପୁଳ ଅର୍ଥ ହେରଫେର କରାଗଲା ।

ସବୁଠାରୁ ଦୁଃଖଦ କଥା ହେଲା ଏହି ଭେଣ୍ଡିଂ ଜୋନ୍ ଆଗରେ ମୁଖ୍ୟ ରାସ୍ତାର କିଛି ଅଂଶକୁ ଟାଇଲ ରାସ୍ତାରେ ପରିଣତ କରି ବିପୁଳ ଅର୍ଥ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧ ନଭେମ୍ବର ୨୦୨୫ । ଶନିବାର




## ତହସିଲଦାରଙ୍କ କଡା କାର୍ଯ୍ୟାନୁଷ୍ଠାନ



**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ବାରମ୍ବାର ନୋଟିସ କରିବା ସଙ୍ଗେ ସଙ୍ଗେ ଅଫିସକୁ ଡାକି ଆଲୋଚ଼ନା କରି କହିବା ପରେ ବି ସରକାରୀ କାର୍ଯ୍ୟରେ ବ୍ୟବହୃତ ହେବାକୁଥିବା ଜାଗା ନଛାଡିବାରୁ ଶୁକ୍ରବାର ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଚ଼ନ୍ଦ୍ର ଶେଖର ବାରିକି, ଦଶପଲ୍ଲା ଆଇଆଇସି ବିନୟ ରଂଜନ ପରିଡା, ସେକେଣ୍ଡ ଅଫିସର ଶ୍ରୀ ମଲ୍ଲିକ ସଦଳବଳେ ଯାଇ ତ୍ରିନାଥ ଛକ ନିକଟ ବୃଓଙ୍ଗ ଜଳସେଚ଼ନ କାର୍ଯ୍ୟାଳୟ ସମ୍ମୁଖ ଭାଗ ପାଚେରୀ କଡରେ ଜବରଦଖଲ କରିଥିବା ୧୧ଟି ଘର, ଦୋକାନ ଆଦିକୁ ଭାଙ୍ଗି ଦେଇଛନ୍ତି। ସେଠାରେ ବସବାସ କରୁଥିବା ଲୋକଙ୍କ ପ୍ରତିରୋଧ ସତ୍ତ୍ୱେ ନୋଟିସ କରାଯାଇଥିବା ସମସ୍ତ ଦୋକାନ, ଘର ସବୁ ଭାଙ୍ଗି ଦିଆଯାଇଛି। ବର୍ଷାରେ ଜିନିଷ ପତ୍ର ଓଦା ନହେବା ପାଇଁ ଉଚ୍ଛେଦ ହୋଇଥିବା ଲୋକଙ୍କୁ ଜରି ପାଲ ଯୋଗାଇ ଦିଆଯାଇଛି। କିନ୍ତୁ ତା'ମଧ୍ୟରେ ଯଦି କେହି ଭୂମିହୀନ ଥିବେ ସେମାନେ ଦରଖାସ୍ତ କଲେ ତୁରନ୍ତ ଏନଏସି ବାହାରେ ଜାଗା ଦେବାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର କହିଛନ୍ତି। ତେବେ ଦଶପଲ୍ଲାରେ ବହୁ ସରକାରୀ ଜାଗା ବହୁ ପ୍ରଭାବଶାଳୀ ଲୋକ ଦଖଲ କରିଛନ୍ତି, ସେସବୁକୁ କେବେ ଭଙ୍ଗାଜିବ ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ, ପର୍ଶିମବାର୍ଡ ପଞ୍ଚାୟତ, ଦେବ କୁମାର ଗାଁର ରଂଜିତ ଦଣ୍ଡପାଟ (ବାପି)ର ସ୍ତ୍ରୀ ମାମୀ ଦଣ୍ଡପାଟ (୨୫)କୁ ବୁଧବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଖବର ପାଇ ନାମ୍ପୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ପୋଷ୍ଟମର୍ଟମ ଲାଗି ପଠାଇଛି। ଘଟଣାରୁ ପ୍ରକାଶ, ରଂଜିତ ଅନ୍ୟ ରାଜ୍ୟରେ ରହି କାର୍ଯ୍ୟ କରୁଥିବାବେଳେ ମାମୀ ସହିତ ଜଣେ ଯୁବକର ପ୍ରେମ ସଂପର୍କ ବଢିଥିଲା ବୋଲି କୁହାଯାଉଛି। ଏ ସଂପର୍କରେ ଶାଶୁ ଶ୍ୱଶୁର ଆକଟ କରିବାରୁ ତିକ୍ତତା ବଢିଥିଲା। ଗୁରୁବାର ଶାଶୁ ଶ୍ୱଶୁର ବିଲକୁ କାମ କରିବାକୁ ଯାଇଥିଲେ ଓ ତାର ୮ ବର୍ଷର ଓ ୫ ବର୍ଷର ଦୁଇ ନାବାଳକ ସ୍କୁଲକୁ ଯାଇଥିବା ବେଳେ ମାମୀ ନିଜର ଷ୍ଟଲରେ ବେକକୁ ବାନ୍ଧି ଘରର ଉରା କାଠରେ ଝୁଲିଥିଲେ। ଶୁକ୍ରବାର ବସ୍ତା ଅଞ୍ଚଳର ବାପଘର ଲୋକେ ଆସି ନାମ୍ପୋ ଫାଣ୍ଡିରେ ହତ୍ୟା ଅଭିଯୋଗ ପରେ ଶ୍ୱଶୁର ଅମୂଲ୍ୟ ଦଣ୍ଡପାଟକୁ ଥାନାରେ ଅଟକ ରଖାଯାଇଛି।

## ଟ୍ରକ ଧକ୍କାରେ ହୋମଗାର୍ଡ ମୃତ୍ୟୁ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

୧୬ ନମ୍ବର ଜାତୀୟ ରାଜପଥ ସୋର କଲେଜଛକ ନିକଟରେ ସୋର ଥାନାରେ କାର୍ଯ୍ୟରେ ଜଣେ ହୋମଗାର୍ଡଙ୍କର ଟ୍ରକ ଧକ୍କାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ରୂପଖଣ୍ଡ ଗ୍ରାମର ସୁଶାନ୍ତ ସେଠୀ ସୋର ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ରାତିରେ ସେ ଡ୍ୟୁଟିରେ ଥାଇ ଶୁକ୍ରବାର ସକାଳେ ଚା' ପିଇବା ପାଇଁ କଲେଜ ଛକ ନିକଟକୁ ଯାଇଥିବା ବେଳେ ସେଠାରୁ ଫେରିବା ସମୟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥ ପେଟ୍ରୋଲିଂ ଗାଡି ଟ୍ରକଟିକୁ ପିଛା କରି ସିମୁଳିଆ ନିକଟରୁ ଜବତ କରିବା ସହିତ ସୋର ପୋଲିସକୁ ହସ୍ତାନ୍ତର କରିଛି। ଟ୍ରକର ଡ୍ରାଇଭର ଓ ହେଲ୍ପରଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସୋଆ ଏବଂ ଏସ୍ଏମ୍ଏସ୍ ଇଣ୍ଡିଆ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବା ନିମନ୍ତେ ଏସ୍ଏମ୍ଏସ୍ ଗ୍ରୁପ୍ ଅଫ୍ ଇଣ୍ଡିଆର ଏକ ସହାୟକ କମ୍ପାନୀ ଏସ୍ଏମ୍ଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ୍ ବିଶ୍ୱବିଦ୍ୟାଳୟ (ସୋଆ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି।

ନିକଟରେ ହୋଇଥିବା ବୁଝାମଣା ଅନୁଯାୟୀ ଜ୍ଞାନର ଆଦାନ ପ୍ରଦାନ, ନବୀକରଣକୁ ପ୍ରୋତ୍ସାହନ, ଶିକ୍ଷା ଏବଂ ପ୍ଲାଂଟ ଇଞ୍ଜିନିୟରିଂ କ୍ଷେତ୍ରରେ ଥିବା ସମ୍ପର୍କକୁ ଦୃଢ଼ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ନିଜର ଉନ୍ନତ ବୈଷୟିକ କୌଶଳ ଓ ଧାତୁ ଶିଳ୍ପ କ୍ଷେତ୍ରରେ ଉଚ୍ଚକୋଟୀର କାର୍ଯ୍ୟ ନିମନ୍ତେ ଏସ୍ଏମ୍ଏସ୍ ଗ୍ରୁପ୍ ବିଶ୍ୱ ସ୍ତରରେ ବେଶ ପ୍ରସିଦ୍ଧ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଏସ୍ଏମ୍ଏସ୍ ଇଣ୍ଡିଆ, ଭୁବନେଶ୍ୱର ଫ୍ୟାସିଲିଟିର ପ୍ଲାଂଟ ହେଡ୍ ଗିରିଶ ଚନ୍ଦ୍ରପ୍ରକାଶ ମାନ୍ଧାନେଙ୍କ ମଧ୍ୟ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ଏସ୍ଏମ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ପ୍ରତିନିଧି ପ୍ରତ୍ୟାୟ ଅମ୍ରିତ ଏବଂ ନିବେଦିତା ଦାସ ଉପସ୍ଥିତ ଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଂଟ ସେଲ୍‌ର ଫ୍ୟାକଲ୍ଟି ଇନ୍‌ଚାର୍ଜ ଡକ୍ଟର ମହମ୍ମଦ ଅବ୍‌ଦୁଲ ରଜାକ ଏବଂ ପ୍ଲେସ୍‌ମେଂଟ ଅଫିସର ରୋହିଣୀ ବାରିକ ଉପସ୍ଥିତ ଥିଲେ।

ବୁଝାମଣା ଅନୁଯାୟୀ ଏସ୍ଏମ୍ଏସ୍ ଇଣ୍ଡିଆ ଏବଂ ସୋଆ ମିଳିତ ଭାବରେ ଛାତ୍ରଛାତ୍ରୀଙ୍କ ପାଇଁ ବଜାରର ଆବଶ୍ୟକତା ଅନୁଯାୟୀ ଶିଳ୍ପ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବେ। ଉଭୟେ ମିଳିତ ଭାବରେ କର୍ମଶାଳା, ସମ୍ମିଳନୀ ଏବଂ ବକ୍ତୃତାର ଆୟୋଜନ କରିବେ। ମୁଖ୍ୟ ଉଦ୍ଦେଶ୍ୟ ରହିବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଯୁକ୍ତିର ସୁଯୋଗ। ଏହି ଅବସରରେ ଶ୍ରୀ ମାନ୍ଧାନେ କହିଛନ୍ତି ଯେ ସୋଆ ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ ତାଲିମ ପ୍ରଦାନ କରାଯିବ।

ପ୍ରଫେସର ନନ୍ଦ କହିଛନ୍ତି ଯେ ଏହି ବୁଝାମଣା ଅନୁଯାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଯୁକ୍ତିର ସୁଯୋଗ ବୃଦ୍ଧି ପାଇବା ସହ ପାଠ୍ୟକ୍ରମରେ ମଧ୍ୟ ସହାୟକ ହେବ।

## ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୋର ଥାନା ମାଣିପୁର ପଞ୍ଚାୟତ ବେଙ୍ଗେଇ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଭୀମା ହେମ୍ବ୍ରମ (୪୫) ମାଣିପୁର ବଜାରରେ ଏକ କୁକୁଡ଼ା ଦୋକାନ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କୁ ଘରେ ନପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଘରଠାରୁ କିଛି ଦୂରରେ ଥିବା ଏକ ଶାଳ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବାର ଦେଖିଥିଲେ। ଖବର ପାଇ ସୋର ପୋଲିସ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ୟାଘ୍ର ଗଣନା ସମ୍ପର୍କିତ ଏକଦିବସୀୟ ତାଲିମ



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ବଡଦାଣ୍ଡସ୍ଥିତ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଘୁମୁସର ଦକ୍ଷିଣ ବନଖଣ୍ଡ, ଭଞ୍ଜନଗର ପକ୍ଷରୁ ବ୍ୟାଘ୍ର ଗଣନା ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ପ୍ରଦୀପ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସୋରଡା ରେଞ୍ଜ ଭାରପ୍ରାପ୍ତ ଏସିଏଫ୍ ନିହାର ଚ଼ନ୍ଦ୍ର ମଲ୍ଲିକ ମଞ୍ଚାସୀନ ରହିଥିବା ବେଳେ ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା, ବୁଗୁଡ଼ା ରେଞ୍ଜର ମାନସ କୁମାର ସାହୁ, ଆସ୍କା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ବଡଗଡ ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ସମେତ ଘୁମୁସର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବନାଞ୍ଚଳରେ କାର୍ଯ୍ୟରତ ବନରକ୍ଷୀ, ବନପାଳ, ଫରେଷ୍ଟ ପ୍ରୋଟେକ୍ସନ ସ୍କାର୍ଡ, ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବ ଭାରତୀୟ ବ୍ୟାଘ୍ର ଅଟକଳ-୨୦୨୬ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବନ ବିଭାଗୀୟ ସମ୍ମୁଖ କର୍ମଚ଼ାରୀଙ୍କୁ ପ୍ରଶିକ୍ଷଣ ପାଇଁ ଆୟୋଜିତ ଉକ୍ତ ଶିବିର ଅବସରରେ ବୈଜ୍ଞାନିକ ପଦ୍ଧତିରେ ବ୍ୟାଘ୍ର ଏବଂ ଅନ୍ୟାନ୍ୟ ମାଂସାଶୀ ପ୍ରାଣୀଙ୍କ ସମେତ ତୃଣଭୋଜୀ ପ୍ରାଣୀଙ୍କ ଗଣନା ସମ୍ପର୍କରେ ଏସିଏଫଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା।

## ଗୋ-ନବରାତ୍ର ମହୋତ୍ସବ ପାଳନ

**କେନ୍ଦ୍ରାପଡା:୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଣ୍ଡିଚା ମନ୍ଦିର ସନ୍ନିକଟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବସନ୍ତ ବଗିଚାରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥରେ ଗୋ ନବରାତ୍ର ମହୋତ୍ସବ ପାଳନ ଶୁଭାରମ୍ଭ ହୋଇଅଛି। ଏହି ଉପାସନାତ୍ମକ ଉତ୍ସବ ୨୨ ଅକ୍ଟୋବର ଠାରୁ ୩୧ ଅକ୍ଟୋବର ପାଳନ କରାଯାଉଅଛି। ସିଦ୍ଧ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଗୁରୁ ଗୋବିନ୍ଦ ଗୋ ସେବାଶ୍ରମ ଆନୁକୁଲ୍ୟରେ ସ୍ଥାନୀୟ ଗୋଭକ୍ତ ମାନଙ୍କ ଦ୍ୱାରା ଏହି ଗୋ ନବରାତ୍ର ଗୋମାତାଙ୍କ ନାମଯଜ୍ଞ, ଜପଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞାଦି ଅନୁଷ୍ଠିତ ହେଉଅଛି। ଆଜି ଗୋଷ୍ଠାଷ୍ଟମୀ ଅବସରରେ ସକାଳୁ ଗୋମାତାଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ଶତାଧିକ ଗୋଭକ୍ତଙ୍କ ସମାଗମରେ ସୁରଭୀ ମହମନ୍ତ୍ର କୀର୍ତ୍ତନ, ଗୋ ପୂଜନ ଓ ଘୃତଯଜ୍ଞ ଅନୁଷ୍ଠିତ କରାଯାଇଛୀ। ଏହି ନବରାତ୍ର ମହୋତ୍ସବକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଓପି ଜିନ୍ଦଲ ସ୍କୁଲରେ ଜାତୀୟ ଏକତା ଦିବସ



**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳର ଜିନ୍ଦଲ ନଗରରେ ଅବସ୍ଥିତ ଓପି ଜିନ୍ଦଲ ସ୍କୁଲ ପକ୍ଷରୁ 'ଭାରତର ଲୌହ ପୁରୁଷ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଏବଂ ଭାଇଚ଼ାରାର ଭାବନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମଟି ସ୍ପୋର୍ଟ୍ସ କଂପ୍ଲେକ୍ସ ଠାରେ ଏକ ସ୍ୱତନ୍ତ୍ର ସଭା ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ସ୍କୁଲର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଭାରତର ଏକୀକରଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

ଜାତୀୟ ସଂହତି ଏବଂ ସଦ୍‌ଭାବର ବାର୍ତ୍ତା ପ୍ରସାର ପାଇଁ ଇଣ୍ଟର ହାଉସ୍ ଦୌଡ଼ 'ରନ୍ ଫର୍ ୟୁନିଟି' ଆୟୋଜନ କରାଯାଇଥିଲା। ଏହି ଅବସରରେ ସ୍କୁଲର ଏନସିସି ଛାତ୍ରଛାତ୍ରୀମାନେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଭାଷଣ ମଧ୍ୟ ଉପସ୍ଥାପନ କରିଥିଲେ।

ଜିନ୍ଦଲ ଷ୍ଟିଲର ପ୍ରଶାସନ ବିଭାଗର ମୁଖ୍ୟ କର୍ଣ୍ଣଲ ସୁଦୀପ ମାଜି ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜେତା ଏବଂ ଉପବିଜେତାଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା।

ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ନେବା ସହ ଉତ୍ସବ ଶେଷ ହୋଇଥିଲା। ଆମ ଦେଶର ପ୍ରଗତି ଏବଂ ସଦ୍‌ଭାବ ପାଇଁ ଏକାଠି କାମ କରିବାକୁ ଏହି କାର୍ଯ୍ୟକ୍ରମ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲା।

## ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛିଯ।ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧକ୍ଷତା କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଗୁଡିକରେ ଗର୍ଭବତୀ ମହିଳା ପ୍ରସୂତି ସଂଖ୍ୟାହାର କାହିଁକି କମ ରହୁଛି ତାହା ଉପରେ ଅଧିକ ଫୋକସ ଦେଇଥିଲେ। ଅଧିକରୁ ଅଧିକ ସଚେତନତା କରି ଏହାର କିପରି ବୃଦ୍ଧି ସେଥିପାଇଁ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଜନ୍ମ ପ୍ରମାଣ ପତ୍ର ଖୁବ କମ ଦିନରେ ପ୍ରଦାନ କରାଯିବା ନିମନ୍ତେ ବିଭିନ୍ନ ଆଲୋଚନା କରାଯାଇଥିଲା। ସେହିପରି ଟୀକାକରଣ, ବନ୍ଧ୍ୟାକରଣ, ମମତା ଦିବସ, ନିରୀକ୍ଷଣ ଯୋଜନାରେ ଗର୍ଭବତୀ ମା'ମାନଙ୍କ ୩ଥର ମାଗଣା ଅଲଟ୍ରା ସାଉଣ୍ଡ ହେଉଛି କି ନାହିଁ ସେ ବିଷୟରେ ମଧ୍ୟ ସମୀକ୍ଷା ହୋଇଥିଲା। ଲୋକଙ୍କୁ ଆମ୍ବୁଲାନ୍ସ ସେବା କିପରି ସଠିକ ସମୟରେ ପ୍ରଦାନ କରାଯିବ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସ୍କିମ ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଡିପିଏମ ବୁଲୁନାଥ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମ୍ବର ବେହେରା, ଏଡି ଏମଓ (ପବ୍ଲିକ ଓ ହେଲଥ) ଡାକ୍ତର ବାଲୁ ଙ୍କେଶ୍ୱର ଷଡ଼ଙ୍ଗୀ, ଏମଡି ଏମଓ (ମ୍ୟାଲେରିଆ) ଡାକ୍ତର କାମେଶ୍ୱର ପଟ୍ଟନାୟକ, ବିଏମସି ମେଡିକାଲ ଅଫିସର ଡାକ୍ତର ଶରତ କୁମାର ସାମଲ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ସମେତ ଜିଲ୍ଲାର ସମସ୍ତ ପିଏଚଇଓ, ବିପିଏମ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅଧିକ୍ଷିକମାନେ ଉପସ୍ଥିତ ଥିଲେ।

## ଜମି ଓ ଅର୍ଥ ନଥିବା ହେତୁ ବିକାଶ ହୋଇପାରୁନି: ବିଡ଼ିଓ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ଗୋପ ବସ୍ତିର ଜଣେ ଉଚ୍ଚ ଶିକ୍ଷୟିତ ଯୁବକ ମିସବାହ ଉଲ୍ ହାସନେନ୍ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଏକ ଅଭିଯୋଗ ଦାୟର କରିଥିଲେ। ଅଭିଯୋଗକାରୀ ଗୋପ ଅଞ୍ଚଳର ଜନସାଧାରଣଙ୍କ ଜୀବନ ଜୀବିକା ଓ ସମସ୍ୟା ଏବଂ ବିକାଶ ପାଇଁ ୬ଟି ପ୍ରସ୍ତାବ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ନିମ୍ନଲିଖିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଅନୁରୋଧ କରିଥିଲେ। ବହୁମୁଖୀ ପାର୍କିଂ ସ୍ଥାନ, ବସ୍ ଆଶ୍ରୟସ୍ଥଳ ଏବଂ ଭଲ ରାସ୍ତା, କୃଷକମାନଙ୍କ ପାଇଁ ଶୀତଳ ଭଣ୍ଡାର ସହିତ ଶିଳ୍ପର ବିକାଶ। ବ୍ରିଟିଶ ଅମଳର ପୁରାତନ ଥାନାର ଉନ୍ନତିକରଣ କରାଯାଉ। ଗୋପ ବ୍ଲକ ଓ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଦୂରଦୂରାନ୍ତରୁ ଆସୁଥିବା ମହିଳାଙ୍କ ନିମନ୍ତେ ଏକ ଭଲ ଶୌଚ଼ାଳୟ ନିର୍ମାଣ କରାଯାଉ। ଗୋପରେ ଏକ ମଲ୍ ନିର୍ମାଣ ସହିତ ବ୍ୟାପାର ବଣିଜ ନିମନ୍ତେ ଏକ ବଡ଼ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉ। ଉକ୍ତ ରାସ୍ତା ମଧ୍ୟ ଦେଇ ସୂର୍ଯ୍ୟ ମନ୍ଦିର କୋଣାର୍କକୁ ସଂଯୁକ୍ତକରୁଥିବା ରାସ୍ତାକୁ ପୁରୀ କୋଣାର୍କ ରାଜ୍ୟ ରାଜପଥ ୧୩ ନାମରେ ନାମିତ କରାଯାଇଛି। ଏଠାରେ ଗୋପର ବିଡ଼ିଓ ଛବିରାଣୀ ସାହୁ ଉତ୍ତର ରଖିଛନ୍ତି, ଗ୍ରାମୀଣ ନିର୍ମାଣ ବିଭାଗ ଅଧୀନରେ ଆସୁଥିବା ରାସ୍ତା ଘାଟ ଉନ୍ନତିକରଣ କରାଯାଉଛି। ମୋର ଜ୍ଞାତସାର ଅନୁସାରେ ରାସ୍ତାର ଅବସ୍ଥା ଭଲ ଅଛି ଯେଉଁଟା ସମ୍ପୂର୍ଣ୍ଣ ମିଥ୍ୟା ଅଟେ। ଗୋପ ବଜାରରେ ଟ୍ରାଫିକ ସମସ୍ୟା ଅଛି। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରାସ୍ତା କାମର ବିଭାଜନ କାର୍ଯ୍ୟ ଆର.ଡି ବିଭାଗ ଦ୍ୱାରା ଚ଼ାଲିଛି। ରାସ୍ତାର ବାସ୍ତବ ଚ଼ିତ୍ର କିନ୍ତୁ ଭିନ୍ନ। ଗୋପରେ ବସ୍‌ଷ୍ଟପ୍ ନିର୍ମାଣ ଆର.ଡି ବିଭାଗ ଦ୍ୱାରା ହାତକୁ ନିଆଯାଇଛି। ଏହା ମଧ୍ୟ ସଂପୂର୍ଣ୍ଣ ମିଥ୍ୟା ଅଟେ। ବାସ୍ତବତା ହେଉଛି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସରକାରୀ ଜମିକୁ ଜବରଦଖଲ କରି ନିଜ ମନରେ ରଖି ବାର୍ଷିକ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଉକ୍ତ ସ୍ଥାନଟି ମୋଟ ଏକ ଏକର ୩୨ ଡ଼ିସିମିଲ ଥିବା ସତ୍ତ୍ୱେ ଅଧା ଜମିକୁ କିଛି ବ୍ୟକ୍ତି ବିଶେଷ ନିଜ ଆୟତ୍ତରେ ରାକଗଇଥିବା ହେତୁ ହାଇକୋର୍ଟରେ ଗୋପର କିଛି ବ୍ୟବସାୟୀ କେସ କରିଛନ୍ତି। ଶୀତଳ ଭଣ୍ଡାର ସମ୍ପର୍କ ଲେଖିଛନ୍ତି କି ଏହା ଉଦ୍ୟାନ କୃଷି ବିଭାଗ ଦ୍ୱାରା ଶୀତଳ ଭଣ୍ଡାର ନିର୍ମାଣ କରାଯିବା ଆବଶ୍ୟକ। ଶିଳ୍ପ ବିକାଶ ପାଇଁ ଉଚ୍ଚ ଫୋରମରେ ପଦକ୍ଷେପ ନିଆଯିବ। ତାହା କେବେ କିଛି ସ୍ପଷ୍ଟ କରିନାହାନ୍ତି। ଗୋପରେ ଥିବା ବ୍ରିଟିଶ ଅମଳର ପୁରାତନ ଥାନା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ ବା ରୂପାନ୍ତର ପାଇଁ କୌଣସି ପାଣ୍ଠି ଉପଲବ୍ଧ ନାହିଁ। ବାସ୍ତବତା ହେଉଛି ଆଜି ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ଆବେଦନ ହୋଇନାହିଁ। ଏ ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ମୌଖିକ ଭାବେ କୁହାଯାଇଥିଲା। ଆଉ ତାହା ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମତୀ ପରିଡା ମଧ୍ୟ କହିଥିଲେ। ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଗୃହ ବିଭାଗ ପାଖରେ କୌଣସି ଖବର ପହଞ୍ଚିନାହିଁ ଆଉ କାର୍ଯ୍ୟକାରୀ ହେବ କିପରି? ଏସବୁ ଗୋପ ବିଡିଓ ମାଡାମ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଥିବା ଗୋପର ଯୁବକଙ୍କ ଉତ୍ତରରେ ଜିଲ୍ଲାପାଳ ପୁରୀଙ୍କୁ ଦେଇଛନ୍ତି। ଏଣୁ ଗୋପ ଅଞ୍ଚଳବାସୀ ଟିକେ ଚ଼ିନ୍ତା କରନ୍ତୁ ବିଡ଼ିଓ ମାଡାମ ଗୋପ ସମ୍ପର୍କରେ ରଖିଥିବା ତଥ୍ୟ କେତେଦୂର ସଠିକ ଉତ୍ତର ରଖିଛନ୍ତି ନା ନାହିଁ? ଗୋପ ଯେତେ ସରକାରୀ କାର୍ଯ୍ୟାଳୟ ରହିଛି ସେଥିମଧ୍ୟରୁ ଅଧିକାଂଶ କାର୍ଯ୍ୟାଳୟରେ ଅପର୍ଯ୍ୟାପ୍ତ ଜମି ରହିଛି ସତ କିନ୍ତୁ ତାହା ଏବେ ଭୁତ କୋଟି ସଦୃଶ। ଗୋପ ବ୍ଲକଟି ଯେଉଁ ସ୍ଥାନରେ ହୋଇଛି ସେଠାରେ ଅଧିକରୁ ଅଧିକ ଘଙ୍ଗା ଘର ଭୁତକୋଟି ଅବସ୍ଥାରେ ଦଣ୍ଡାୟମାନ। ଗୋପରେ ଥିବା ପୂର୍ତ୍ତ ବିଭାଗର ଡାକବଙ୍ଗଳାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି ତାର ସାଧୁପଯୋଗ ହୋଇପାରୁନି। ଠିକ ସେହିପରି ଗୋପ ସବରେଜିଷ୍ଟର କାର୍ଯ୍ୟାଳୟଟି ବିପଦ ସଂକୁଳ ଅବସ୍ଥାରେ ପଡିଛି ତାର ଉଦ୍ଧାର ହୋଇପାରୁନି। ଗୋପ ପଞ୍ଚାୟତରେ କେତେ ଏକର ସରକାରୀ ଜମି ରହିଛି? ଆଉ କେତେ ଏକର ନୟାନଜୋରୀ ଅଛି? କେତେ ଏକର ଗୋଚ଼ର ଜମି ଅଛି? କେତେ ଏକର ଅନାବାଦୀ ଜମି ଅଛି? ତାର ସଠିକ ହିସାବ କେବଳ ବିଭାଗୀୟ ଅଧିକାରୀ ହି ଦେଇପାରିବେ ଗୋପର ବିଡ଼ିଓ ନୁହନ୍ତି । ଏଣୁ ଗୋପ ଅଞ୍ଚଳ ଉପରେ ସଠିକ ଧାରଣା ନଥିବା ଅଧିକାରିଣୀ ଭୁଲ ତଥ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବାରୁ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ମୁଖ୍ୟମନ୍ତ୍ରୀ ଦୟାକରି ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ବାଣିଜ୍ୟ

## ବଦଳିବ ବ୍ୟାଙ୍କ ନିୟମ !



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆପଣଙ୍କର ଏସବିଆଇ, ପିଏନ୍‌ବି, କାନାରା ବ୍ୟାଙ୍କ ଭଳି ସରକାରୀ ବ୍ୟାଙ୍କ କିମ୍ବା ଏଚଡିଏଫସି ସମେତ ଯେକୌଣସି ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଥାଉ ନା କାହିଁକି, ବ୍ୟାଙ୍କ ଆକାଉଣ୍ଟ ସହିତ ଜଡିତ ଅନେକ ନିୟମ ୧ ନଭେମ୍ବର ୨୦୨୫ଠାରୁ ପରିବର୍ତ୍ତନ ହେବ। ଆକାଉଣ୍ଟଧାରୀଙ୍କ ସୁବିଧା, ସୁରକ୍ଷିତ ବ୍ୟାଙ୍କିଂ ଓ ସୁରକ୍ଷିତ ଉଠାଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନେକ ବ୍ୟାଙ୍କିଂ ନିୟମ ପରିବର୍ତ୍ତନ କରିଛି। ନୂଆ ପରିବର୍ତ୍ତନ ଶୁକ୍ରବାର ରାତି ୧୨ଟାରୁ କାର୍ଯ୍ୟକାରୀ ହେବ।

୧ ନଭେମ୍ବର ଠାରୁ ବ୍ୟାଙ୍କିଂ ଆକାଉଣ୍ଟ ସହିତ ଜଡିତ ଅନେକ ପରିବର୍ତ୍ତନ ଦେଖିବେ। ଏହି ବ୍ୟାଙ୍କିଂ ନିୟମ ସହିତ, ଆକାଉଣ୍ଟଧାରୀଙ୍କ ମୃତ୍ୟୁ ପରେ, ତାଙ୍କ ଉତ୍ତରାଧିକାରୀମାନେ ଆକାଉଣ୍ଟ କିମ୍ବା ଲକରରେ ଜମା ହୋଇଥିବା ଟଙ୍କା ସହଜରେ ପାଇପାରିବେ। ତଥାପି, ଏହି ନିୟମରେ ଆକାଉଣ୍ଟଧାରୀଙ୍କ ପାଇଁ ଟଙ୍କା କାରବାର ଭଳି ମୌଳିକ ବ୍ୟାଙ୍କିଂ କାର୍ଯ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ।

ଅକ୍ଟୋବର ୧ ତାରିଖରୁ, ଆକାଉଣ୍ଟ, ସେଫ୍ ଡିପୋଜିଟ୍ ଲକର୍ ଓ ସେଫ୍ ହେପାଜତ ସାମଗ୍ରୀ ପାଇଁ ନାମାଙ୍କନ ନିୟମ ପରିବର୍ତ୍ତନ ହେଉଛି। ନୂଆ ନିୟମ ଅନୁଯାୟୀ ସମସ୍ତ ବ୍ୟାଙ୍କ ସେମାନଙ୍କର ଗ୍ରାହକମାନଙ୍କୁ ନାମାଙ୍କନ ସୁବିଧା ପ୍ରଦାନ କରିବାକୁ ବାଧ ହେବେ। ତଥାପି ଆକାଉଣ୍ଟଧାରକ ଏକ ଲିଖିତ ଆବେଦନ ଦାଖଲ କରି ନାମାଙ୍କନରୁ ଓହରି ପାରିବେ। ବ୍ୟାଙ୍କ ଲକରର ନିୟମ ମଧ୍ୟ ବଦଳି ଯାଇଛି। ନୂଆ ନିୟମ ଅନୁଯାୟୀ, ଗ୍ରାହକମାନେ ଲକର ପାଇଁ ମଧ୍ୟ ଚ଼ାରି ଜଣ ନୋମିନି ବାଛିପାରିବେ। ତଥାପି ଏଠାରେ ନୋମିନିଙ୍କ ଅଧିକାର କ୍ରମିକ ଭାବରେ ହେବ, ଅର୍ଥାତ୍, ପ୍ରଥମ ନୋମିନି ପ୍ରଥମେ ଅଧିକାର ପାଇବେ। ପ୍ରଥମ ନୋମିନି ଅନୁପସ୍ଥିତିରେ, ଦ୍ୱିତୀୟ, ତା'ପରେ ତୃତୀୟ ଓ ଚ଼ତୁର୍ଥ ଅଧିକାର ପାଇବେ।

ଏପର୍ଯ୍ୟନ୍ତ ବ୍ୟାଙ୍କ ଆକାଉଣ୍ଟରେ କେବଳ ଜଣେ ନୋମିନି ଯୋଡିବାର ସୁବିଧା ଥିଲା। କିନ୍ତୁ ଏବେ ଏହାକୁ ବୃଦ୍ଧି କରାଯାଉଛି, ବ୍ୟାଙ୍କିଂ ଆଇନ ସଂଶୋଧନ ଆଇନ ୨୦୨୫ ଅନୁଯାୟୀ, ଜଣେ ବ୍ୟାଙ୍କ ଗ୍ରାହକ ଜଣଙ୍କୁ ନୁହେଁ ବରଂ ଚ଼ାରି ଜଣଙ୍କୁ ନୋମିନି କରିପାରିବେ। ଆରବିଆଇ ୧୯୫୬ରୁ ୨୦୨୧ ପର୍ଯ୍ୟନ୍ତ ଜାରି ହୋଇଥିବା ୩୧ ପୁରୁଣା ସର୍କୁଲାରକୁ ବାତିଲ କରି ଚ଼ାରି ଜଣଙ୍କୁ ନୋମିନି ଯୋଡିବାର ସୁବିଧା ଦେଇଛି।

## ରିଲିଜ ହେଲା ଏସଏସ ରାଜମୌଲିଙ୍କ 'ବାହୁବଳୀ: ଦ ଏପିକ୍'



### ସିନେମାଫିନେମା ଟିଭିଫିଭି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସିନେମା ହଲ୍‌କୁ ଫେରିଛି ଫିଲ୍ମ ନିର୍ମାତା ଏସ୍ଏସ୍ ରାଜମୌଳିଙ୍କ ମାଷ୍ଟରପିସ୍। ହେଲେ ଏଥର ଏହା ରିଲିଜ ପୂର୍ବରୁ ରେକର୍ଡ ଭାଙ୍ଗିବାରେ ଲାଗିଛି। ବାହୁବଳୀ: ଦ ବିଗିନିଂ ଏବଂ ବାହୁବଳୀ ୨: ଦ କନକଲୁଜନ୍‌ର ଏଡିଟ ଭର୍ସନ 'ବାହୁବଳୀ: ଦ ଏପିକ୍' ଅକ୍ଟୋବର ୩୧, ଶୁକ୍ରବାର ରିଲିଜ ହୋଇଛି। ହେଲେ ରିଲିଜ ପୂର୍ବରୁ ଫିଲ୍ମ ଆଡଭାନ୍ସ ବୁକିଂରେ ରେକର୍ଡ କରିଛି। ୧୦ କୋଟି ଟଙ୍କାର ଆଡଭାନ୍ସ ବୁକିଂ ସହ ବିଶ୍ୱ ବକ୍ସ ଅଫିସ୍‌ରେ ଧମାକା କରିଛି। ଏହାକୁ ନେଇ ଅନୁମାନ କରାଯାଉଛି ଯେ ଫିଲ୍ମ ପ୍ରଥମ ଦିନରେ ମୋଟା ଅଙ୍କର ଆୟ କରି ନୂଆ ରେକର୍ଡ ସୃଷ୍ଟି କରିବ।





ତେବେ ସାକନିକଙ୍କ ଅନୁଯାୟୀ, ଭାରତ ଏବଂ ବିଦେଶ ପାଇଁ ମିଳିତ ପ୍ରି-ସେଲ୍ସ 'ବାହୁବଳୀ:ଦ ଏପିକ୍'କୁ ତାମିଲ ଅଭିନେତା ବିଜୟଙ୍କ 'ଗିଲି' ଏବଂ ତେଲୁଗୁ ଅଭିନେତା ମହେଶ ବାବୁଙ୍କ 'ଖଲେଜା' ଦ୍ୱାରା ସ୍ଥିର କରାଯାଇଥିବା ପୁଣି-ରିଲିଜ ମାନଦଣ୍ଡକୁ ଅତିକ୍ରମ କରିଦେଇଛି। ଫିଲ୍ମଟି କେବଳ ଭାରତରୁ ୫ କୋଟି ଟଙ୍କାର ଆଡଭାନ୍ସ ବୁକିଂ ରେକର୍ଡ କରିଛି। ସେହିପରି ଉତ୍ତର ଆମେରିକାରୁ ୫ କୋଟି ଟଙ୍କା ଆସିଛି। ପ୍ରଭାସ, ରାଣା ଦଗଗୁବତୀ, ଅନୁଷ୍କା ସେଟ୍ଟୀ, ତମନ୍ନା ଭାଟିଆ ଏବଂ ସତ୍ୟରାଜଙ୍କ ଅଭିନୀତ ପ୍ରାୟ ୩ ଘଣ୍ଟା ୪୫ ମିନିଟର ଏକ କଟ୍ ସଂସ୍କରଣକୁ ଏହାର ଥିଏଟର ପ୍ରତ୍ୟାବର୍ତ୍ତନ ପାଇଁ ପୁନଃମାଷ୍ଟର କରାଯାଇଛି।

ଅନେକ ଦୃଶ୍ୟକୁ ଟ୍ରିମ୍ କରାଯାଇଛି, ଏବଂ ଅଧିକ ନିମଜ୍ଜିତ ଦେଖିବା ଅଭିଜ୍ଞତା ପାଇଁ ଭିଜୁଆଲ୍‌କୁ ଉନ୍ନତ କରାଯାଇଛି। ବାହୁବଳୀ: ଦ ଏପିକ୍ ସାରା ବିଶ୍ୱରେ ୧୧୫୦ରୁ ଅଧିକ ଥିଏଟରରେ ପୁଣି ପ୍ରଦର୍ଶିତ ହେଉଛି। ଏହି ଚ଼ଳଚ୍ଚିତ୍ରଟି ଆମେରିକାରେ ୪୦୦ରୁ ଅଧିକ ଥିଏଟରରେ, ୟୁକେ ଏବଂ ଆୟର୍ଲ୍ୟାଣ୍ଡରେ ୨୧୦, ୟୁଏଇ ଏବଂ ଜିସିସି ଅଞ୍ଚଳରେ ୧୫୦ରୁ ଅଧିକ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ୧୪୪ ଏବଂ ଦକ୍ଷିଣ ପୂର୍ବ ଏସିଆରେ ୧୦୦ରୁ ଅଧିକ ଥିଏଟରରେ ପ୍ରଦର୍ଶିତ ହେବ। ତେବେ ବାହୁବଳୀ: ଦ ଏପିକ୍ କେବଳ ରେକର୍ଡ ଭାଙ୍ଗିବ ନାହିଁ ବରଂ ବିଶ୍ୱବ୍ୟାପୀ ଭାରତୀୟ ସିନେମା ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଆଶା କରାଯାଉଛି। ବାଣିଜ୍ୟ ବିଶ୍ଳେଷକମାନେ ଆକଳନ କରୁଛନ୍ତି ଯେ ଏହି ଚ଼ଳଚ୍ଚିତ୍ରଟି ୧୦କୋଟି ଟଙ୍କା ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ରି-ରିଲିଜ ଫିଲ୍ମ ହୋଇପାରେ।

# ଫାର୍ମାସିଷ୍ଟଙ୍କ ମନମାନିରେ ଚାଲିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର




**୩୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ଗ୍ରାମ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ଦୀର୍ଘ ୨୧ ବର୍ଷ ଧରି ଏକେ ଫାର୍ମାସିଷ୍ଟ କାର୍ଯ୍ୟ କରୁଥିବା ତଥ୍ୟ ଉଦ୍‌ଘାଟିତ ହୋଇଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଜଣେ କର୍ମଚାରୀ ୩ ବର୍ଷରୁ ଅଧିକ ସମୟ ଏକେ ସ୍ଥାନରେ ରହିପାରିବେ ନାହିଁ ବୋଲି ସ୍ୱଷ୍ଟ ନିୟମ ଥିବା ସତ୍ତ୍ୱେ, ଏହି ଫାର୍ମାସିଷ୍ଟ ଦୀର୍ଘ ଦୁଇ ଦଶକ ଧରି ସେଇ ସ୍ଥାନରେ ରହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ ମନ ମୁତାବକ ଚାଲାଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି । ସ୍ଥାନୀୟ ସୂତ୍ର ଅନୁସାରେ, ଏହି ଫାର୍ମାସିଷ୍ଟ ୨୦୦୪ ମସିହାରୁ ଆୟୁଷ ମନ୍ଦିରରେ କାର୍ଯ୍ୟରତ । ଦୀର୍ଘ ସମୟ ଧରି ରହିଥିବାରୁ ସେ ନିଜକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବେସର୍ବା ପରି ଭାବୁଥିବା ଅଭିଯୋଗଗୁଡିକ ଆସିଛି । ସେ ଇଚ୍ଛାହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲୁଛନ୍ତି, ନହେଲେ ବନ୍ଦ ରଖୁଛନ୍ତି । ଅନେକ ସମୟରେ ଅନୁପସ୍ଥିତ ରହି ଦାୟିତ୍ୱ ହସ୍ତାନ୍ତର ନ କରିବା ଯୋଗୁଁ ରୋଗୀ ସେବା ବିଘ୍ନ ହେଉଛି । ସେଠାରେ ଜଣେ ଡାକ୍ତର ଓ ଜଣେ ନର୍ସ ଥିବା ସତ୍ତ୍ୱେ ଫାର୍ମାସିଷ୍ଟ ତାଙ୍କ ସହ କର୍ମଚାରୀଙ୍କୁ ଖାତିର କରୁନାହାନ୍ତି ବୋଲି ଅଭିଯୋଗ । ସେ ନିଜକୁ ଡାକ୍ତର ପରି ବ୍ୟବହାର କରି ରୋଗୀଙ୍କୁ ଔଷଧ ଯୋଗାଇଦେବା ଓ ଚିକିତ୍ସା ମାମଲାରେ ଅସଂଗତ ହସ୍ତକ୍ଷେପ କରୁଥିବା କଥା ମଧ୍ୟ ଆସିଛି । ଫଳସ୍ୱରୂପ ଡାକ୍ତରଙ୍କୁ ଦୁଇଟି ଦାୟିତ୍ୱ– ରୋଗୀ ଦେଖିବା ଓ ଔଷଧ ବିତରଣ– ଏକାସାଥି କରିବାକୁ ପଡୁଛି । ପ୍ରତିଦିନ ୫୦ ରୁ ୬୦ ରୋଗୀ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସୁଥିବା ସତ୍ତ୍ୱେ ଔଷଧ ବିତରଣ ନିୟମିତ ନ ହେବା ଓ ଫାର୍ମାସିଷ୍ଟଙ୍କ ଅସହଯୋଗୀ ଆଚରଣ ଯୋଗୁଁ ରୋଗୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ– ଏହି ଫାର୍ମାସିଷ୍ଟ ଦୀର୍ଘ ୨୧ ବର୍ଷ ଧରି ଏଠି ଅଛନ୍ତି । ଡାକ୍ତର ଓ ନର୍ସଙ୍କ ଆଦେଶ ମାନୁନାହାନ୍ତି, ନିଜେ ରୋଗୀ ଦେଖି ଔଷଧ ଦେଉଛନ୍ତି । ସେ ଚାହିଲେ ହସ୍ପିଟାଲ ଖୋଲେ, ନ ହେଲେ ଲକ୍ କରି ଯାଆନ୍ତି । ଏମିତି ଅବସ୍ଥାରେ ରୋଗୀ ସେବା କିପରି ହେବ? ଏହି ଅଭିଯୋଗ ଉପରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଦାବି ଉଠିଛି । ସାଧାରଣ ମଧ୍ୟରେ ମତ ହେଉଛି– ଦୀର୍ଘ ସମୟ ଧରି ଏକେ ସ୍ଥାନରେ ରହୁଥିବା ଏହି ଫାର୍ମାସିଷ୍ଟଙ୍କୁ ତତ୍କାଳ ଅନ୍ୟତ୍ର ବଦଳି କରିବା ଆବଶ୍ୟକ, ନହେଲେ ଆଗାମୀ ଦିନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରୋଗୀ ସେବା ପ୍ରଣାଳୀ ପୂରାପୂରି ଭାଙ୍ଗି ପଡ଼ିପାରେ ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଦଶମୀ |
|---|---|
| ୧.୧୧.୨୦୨୫ | ନକ୍ଷତ୍ର– ଶତଭିଷା, କୁମ୍ଭଚନ୍ଦ୍ର |

| | |
|---|---|
| ମେଷ | : ବ୍ୟବସାୟରେ ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| ବୃଷ | : ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| ମିଥୁନ | : ଅପବାଦ ମୁଣ୍ଡାଇବେ । |
| କର୍କଟ | : ଅଯଥା ଖର୍ଚ୍ଚାନ୍ତିରେ ପଡ଼ିବେ । |
| ସିଂହ | : ସମ୍ପଦ ଚିନ୍ତା ବଢ଼ିବ । |
| କନ୍ୟା | : ଧନ୍ୟଦ୍ରବ୍ୟ ଲାଭ ହେବ । |
| ତୁଳା | : ସନ୍ତାନ ଦୁଃଖରେ ଦୁଃଖୀ ହେବେ । |
| ବିଛା | : କଳହ ଓ ଅପମାନ ଯୋଗ ରହିଛି । |
| ଧନୁ | : ବକେୟା ଅର୍ଥ ଲାଭ ହେବ । |
| ମକର | : ଦୁର୍ଘଟଣା ଜନିତ ଭୟ ରହିଛି । |
| କୁମ୍ଭ | : ନୂତନ କର୍ମରେ ଖୁସି ହେବେ । |
| ମୀନ | : ବ୍ୟବସାୟରେ କ୍ଷତି ସହିବେ । |

## ଦୁର୍ବ୍ୟବହାର ଅଭିଯୋଗରେ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ କୋର୍ଟ ଚାଲାଣ

**ଢେଙ୍କାନାଳ, ୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସରପଞ୍ଚଙ୍କୁ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ଚୋର ବଦମାସ୍ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ଯାହାକୁ ନେଇ ମାମଲା ଥାନାରେ ପହଞ୍ଚିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ ଗତ ୨୮ ତାରିଖ ଦିନ ହିନ୍ଦୋଳ ବ୍ଲକ୍‌କୁ କୌଣସି କାର୍ଯ୍ୟରେ ଗଣ୍ଡାନାଳୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁନିଲ୍ ସ୍ୱାଇଁ ଯାଇଥିବାବେଳେ ବ୍ଲକ୍ ଅଧ୍ୟକ୍ଷା ସସ୍ମିତାରାଣୀ ନାଏକଙ୍କ ସ୍ୱାମୀ ପ୍ରଶାନ୍ତ ନାଏକ ବ୍ଲକ୍ ପରିସରରେ ସରପଞ୍ଚ ସୁନିଲ୍ ସ୍ୱାଇଁଙ୍କୁ ଦେଖି ଟଙ୍କା ମାଗିବା ସହ ଚୋର ବଦମାସ୍ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏବଂ ଟଙ୍କା ନଦେଲେ ତୋତେ ବାନ୍ଧିକି ରଖିବି ଏବଂ ତୋ ଘରକୁ ପିଲା ପଠାଇ ଜୀବନରୁ ମାରିଦେବି ଆଦି ଧମକ ଦେଇଥିଲେ ବୋଲି ସରପଞ୍ଚ ଶ୍ରୀ ସ୍ୱାଇଁ ହିନ୍ଦୋଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ କେସ୍ ନଂ ୩୦୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରଶାନ୍ତ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ପ୍ରଶାନ୍ତ ନାଏକ ବ୍ଲକରେ ଦାଦାଗିରି କରୁଥିବାର ଜନପ୍ରତିନିଧିମାନେ ପୂର୍ବରୁ ଯେଉଁ ଅଭିଯୋଗ କରୁଥିଲେ ତାହା ଗତ ୨୮ ତାରିଖ ଦିନ ଘଟଣାରୁ ସ୍ୱଷ୍ଟ ପ୍ରମାଣିତ ହୋଇଗଲା ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି । ଗଣତନ୍ତ୍ରରେ ଦାଦାଗିରିର କୌଣସି ସ୍ଥାନ ନାହିଁ ବୋଲି କହିବା ସହ ଶାନ୍ତିପୂର୍ଣ୍ଣ ହିନ୍ଦୋଳକୁ ଅଶାନ୍ତ ହେବାକୁ ଆଦୌ ଦିଆଯିବ ନାହିଁ ବୋଲି ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ନଈ ପାଲଟିଛି ଜମି : ବୁଡ଼ ପକାଇବା ବଦଳରେ କାଦୁଅ ବୋଳି ହୋଇ ଫେରୁଛନ୍ତି ଭକ୍ତ

**ବାଲେଶ୍ୱର, ୩୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳର ପବିତ୍ର ସପ୍ତଶରା ନଦୀ ଏବେ ଧାନଜମିରେ ପରିଣତ ହୋଇଛି । ଏହି ନଦୀ ଚାଷଜମିକୁ ଜଳସେଚିତ କରିବା ବଦଳରେ ଖୋଦ୍ ଜମି ପାଲଟି ଯାଇଛି । ପୌରାଣିକ କଥାବସ୍ତୁ ସହିତ ଜଡ଼ିତ ଥିବା ଏହି ନଦୀକୁ ଭାରତବର୍ଷର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଇଛି । ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିରଠାରୁ ମାତ୍ର ଅଳ୍ପ ଦୂରରେ ଅବସ୍ଥିତ ଏହି ନଦୀରେ ଭକ୍ତ ବୁଡ଼ ପକାଇବା ବଦଳରେ ଦେହରେ କାଦୁଅ ବୋଳି ହୋଇ ଫେରିଯିବାକୁ ବାଧ୍ୟ ହେଉଛନ୍ତି ।

ରେମୁଣା ଭାରତର ଗୁପ୍ତ ବୃନ୍ଦାବନ ପୀଠ ଭାବେ ପରିଚିତ । ସପ୍ତଶରା ନଦୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟ ଗାର୍ଗେଶ୍ୱର ମନ୍ଦିର ନିକଟରୁ ବାହାରି ପ୍ରାୟ ୫ କିମି ଦୂରରେ ସୋନ, ଗଙ୍ଗାହାର, ବୁାବଳଙ୍ଗ ନଦୀର ସଙ୍ଗମସ୍ଥଳରେ ମିଶିଛି । ସମୟକ୍ରମେ ଏହା ପୋତି ହୋଇଯିବା ସହିତ ସ୍ଥାନୀୟ ପ୍ରଭାବଶାଳୀ ଲୋକ ଜବରଦଖଲ କରି ନେଇଛନ୍ତି । ନଦୀ କେଉଁଠି ଧାନ ଜମିରେ ପରିଣତ ହୋଇଛି ତ କେଉଁଠି ଖେଳପଡ଼ିଆ ସଦୃଶ ହୋଇଛ । ଅତୀତରେ ଏହି ନଦୀ ଜଳସେଚନ ସମେତ ବ୍ରିଟିସ୍ ଅମଳରେ ପରିବହନର ମାଧ୍ୟମ ସାଜିଥିଲା । ବର୍ତ୍ତମାନ ଏହି ନଦୀର ଆଉ ଚିହ୍ନବର୍ଣ୍ଣ ନଥିବା ବେଳେ କେବଳ ଅଠାନ୍ତର ଗ୍ରାମ ପୋଲ ନିକଟରେ ଏହା ପୋଖରୀ ଭଳି ଦୃଶ୍ୟମାନ ହେଉଛି । ପୌରାଣିକ କିମ୍ବଦନ୍ତୀ ତଥା ଲୋକଶ୍ରୁତି ଅନୁଯାୟୀ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ମାତା ସୀତାଙ୍କୁ ଧରି ଏହି ରେମୁଣା ପଞ୍ଚତୀର୍ଥ ସ୍ଥାନକୁ ବୁଲିବା ପାଇଁ ଆସିଥିବା ବେଳେ ମାତା ସୀତା ରଜସ୍ରାବରେ ଅଶୌଚ ହୋଇଥିଲେ । ପ୍ରଭୁ ରାମଚନ୍ଦ୍ର ସୀତାଦେବୀଙ୍କ ମହାସ୍ନାନ ପାଇଁ ୭ଟି ଶର ନିକ୍ଷେପ କରି ସପ୍ତଶରା ନଦୀର ଆବିଷ୍କାର କରିଥିଲେ । ଫଳରେ ଏହି ନଦୀରେ ବୁଡ଼ ପକାଇଲେ ପାପ କ୍ଷୟ ହୋଇଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ।

ପବିତ୍ର ସପ୍ତଶରା ନଦୀର ପୁନରୁଦ୍ଧାର ପାଇଁ ରେମୁଣା କ୍ଷୀରଚୋରା ଧାମର ଅଧିବାସୀ, ବୈଷ୍ଣବ ସମ୍ପ୍ରଦାୟ, ପର୍ଯ୍ୟଟକ, ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ପ୍ରବଳ ଦାବି ହେଉଛି । ତେବେ ସପ୍ତଶରା ପୁନରୁଦ୍ଧାର ନେତାଙ୍କ ନିର୍ବାଚନୀ ପ୍ରତିଶ୍ରୁତିରେ ଅଟକି ରହିଛି । ପ୍ରାୟ ୩ ବର୍ଷ ତଳେ ସପ୍ତଶରାର ପୁନରୁଦ୍ଧାର ପାଇଁ ସର୍ଭେ କରାଯାଇଥିଲା । ହେଲେ, ଏବେ ସେସବୁ ଶୀତଳଭଣ୍ଡାରରେ ପଡ଼ିଛି । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ାଙ୍କ ସୂଚନା ମୁତାବକ, ସପ୍ତଶରାର ପୁନରୁଦ୍ଧାର ପାଇଁ ସର୍ଭେ କରାଯାଇ ୧୮ କୋଟି ଟଙ୍କା ବ୍ୟୟରେ ଏହାର ପୁନରୁଦ୍ଧାର ଆକଳନ କରାଯାଇଥିଲା । ଏବେକାର ସରକାର ସେଥିନେଇ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ମନ୍ଥା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

**ଖଣ୍ଡପଡ଼ା, ୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମନ୍ଥାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ପନିପରିବା ଓ ଧାନ ଫସଲ ନଷ୍ଟ ହୋଇଯାଇଛି । ଢିପ ଅଞ୍ଚଳରେ ଥିବା ଧାନ ଚାଷ ଜମିଗୁଡିକୁ ବାଦ ଦେଲେ ଖାଲୁଆ ଅଞ୍ଚଳରେ ଥିବା ଧାନ ଚାଷ ଜମିଗୁଡିକରେ ବର୍ଷା ପାଣି ଜମି ରହିଛି । ଫଳରେ ଚାଷୀମାନଙ୍କ ଚିନ୍ତା ବଢିଯାଇଛି । ତୁହାକୁ ତୁହା ଲଗାଣ ବର୍ଷା ଓ ପବନ ପ୍ରଭାବରେ ଏକର ଏକର ଚାଷ ଜମିରେ ଧାନ ଗଛ ଗୁଡିକ ତଳେ ଶୋଇ ଯାଇ ବର୍ଷା ପାଣିରେ ଭିଜୁଥିବା ନଜରକୁ ଆସୁଛି । ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଉଥିବା ବେଳେ ମଝିରେ ମଝିରେ ବର୍ଷା ଓ କୋହଲା ପାଗ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛ । ଲଘୁଧାନ ଚାଷ କରିଥିବା ଚାଷୀମାନେ ଆଉ କିଛିଦିନ ପରେ ଜମିରୁ ଧାନ ଅମଳ କରିବାକୁ ଆଶା ରଖିଥିବା ବେଳେ ଲଗାଣ ବର୍ଷା ଚାଷୀମାନଙ୍କ ଉପରେ ଦାଉ ସାଧିଛି । ସେହିପରି ଶୀତଦିନିଆ ପନିପରିବା ଚାଷ କରିଥିବା ଚାଷୀମାନେ ମଧ୍ୟ ଲଗାଣ ବର୍ଷାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ବାତ୍ୟାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ତୁରନ୍ତ ଚିହ୍ନଟ କରି ସରକାରୀ ସହାୟତା ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଚାରିଛକ ବଜାରର ଯୁବ ବ୍ୟବସାୟୀଙ୍କ ଦେହାନ୍ତ

**ଚାରିଛକ, ୩୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ବଜାରର ଯୁବବ୍ୟବସାୟୀ ଶ୍ରୀଧର ସାହୁ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ଚାରିଛକ ନିକଟସ୍ଥ ଭଇଁଚିଗୋରଡି ଗ୍ରାମର ଶ୍ରୀ ସାହୁ ଚାରିଛକ ବଜାରରେ ଏକ ଲେଡିଜ କର୍ଣ୍ଣର ଦୋକାନ କରି ପରିବାର ଚଳାଉଥିଲେ । ଗତ ମଙ୍ଗଳବାର ଦିନ ନିଜ ଘରେ ଶୌଚ ପାଇଁ ଯାଇଥିବା ସମୟରେ ହଠାତ ତଳେ ପଡିଯାଇଥିଲେ । ପରିବାର ଲୋକମାନେ ତାଙ୍କୁ ପ୍ରଥମେ ଚାରିଛକ ଚିକିତ୍ସା ପାଇଁ ପଠାଇଥିଲେ ମାତ୍ର ଅବସ୍ଥା ଗୁରୁତର ଥିବାରୁ ଡାକ୍ତ ତାଙ୍କୁ ଭୁବନେଶ୍ୱର ରେଫର କରିଥିଲେ । ସେ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟ ଘଟିଥିବା ଡାକ୍ତର ସୁଚନା ଦେଇଥିଲେ । ଶ୍ରୀ ସାହୁ ତୁଳସୀପୁର ପଞ୍ଚାୟତ ୧୦ନମ୍ବର ୱାର୍ଡର ବିଜେପି ପାର୍ଟୀର ସଭାପତି ଥିଲେ । ତାଙ୍କର ମରଶରିର ଏକ ଶୋଭାଯାତ୍ରାରେ ଚାରିଛକ ବଜାର ପରିକ୍ରମା କରାଯାଇଥିଲା । ଚାରିଛକ ମଣ୍ଡଳ ବିଜେପି ନେତା ଶ୍ୟାମସୁନ୍ଦର ନାୟକ, ଚାରିଛକ ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ସଂପାଦକ ଦୁର୍ଯ୍ୟୋଧନ ମହାନ୍ତି, ତୁଳସୀପୁର ପଞ୍ଚାୟତ ସଭାପତି କୈଳାଶ ଚନ୍ଦ୍ର କର, ଜ୍ୟୋତିରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ନାୟକ, ବିଜେଡି ଯୁବ ସଭାପତି ପଦ୍ମନାଭ ବାରିକ, ସଂଜୟ ବାରିକ, ହିମାଂଶୁ ତ୍ରିପାଠୀ, ପଞ୍ଚାନନ ବାରିକ, ଚିନ୍ମୟ ସାହୁ, ପ୍ରଶାନ୍ତ ସାହୁ, ମାନସ ବରାଳ,ମନୋଜ ସାହୁ,ବାଇଧର ସାହୁ, ବିଚିତ୍ର ସାହୁଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି । ମୃତଙ୍କ ଦାଦାପୁଅ ଭାଇ ସାଗର ସାହୁ ମୁଖାଗ୍ନୀ ଦେଇଥିଲେ । ଆସନ୍ତା କାଲି ସକାଳ ୭ଟାରେ ଚାରିଛକ ବଜାର ପକ୍ଷରୁ ଏକ ଶୋକସଭା କରିବା ସହ ତାଙ୍କର ଶୋକରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ସଭାପତି ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି ।

# ସରକାରଙ୍କ ନିୟମକୁ ଫୁଁ' କଲା ଦେବରିଓ ଅଙ୍ଗନବାଡ଼ି କେନ୍ଦ୍ର

**ମାହାଙ୍ଗା, ୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ସରକାର କୁନି କୁନି ପିଲାମାନଙ୍କୁ ପାଠ ପଢାଇବା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଛନ୍ତି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବରାହୀପୁର ପଞ୍ଚାୟତ ଦେବରିଓ ଅଙ୍ଗନବାଡ଼ି କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ୯ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ । ଯାହା ଫଳରେ ୯ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ଉଭୟ କର୍ମୀ ଓ ସହାୟିକା ସରକାରଙ୍କ ନିୟମକୁ ଫୁଁ' କରିଦେଇଛନ୍ତି । ସେହିପରି ପିଲାମାନଙ୍କ ପାଠପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ । ସେହିପରି ଏହି କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ବିଳମ୍ବରେ ଆସୁଥିବା ଓ କେନ୍ଦ୍ର ବିଳମ୍ବରେ ଖୋଲୁଥିବା ଅଭିଯୋଗ ହୋଇଛି । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ସଠିକ୍ ଭାବେ ତଦନ୍ତ କରୁଛନ୍ତି କି ନାହିଁ ତାହାକୁ ନେଇ ଉଠିଛି ବଡ ପ୍ରଶ୍ନ । ଏ ନେଇ ସିଡିପିଓଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନବାଡ଼ି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିବେ ମୁଁ ମୋର ଉଚ୍ଚପଦସ୍ଥ ଅଧିକାରୀ ଜଣାଇବି ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି । ଅପରପକ୍ଷରେ ଏହି କେନ୍ଦ୍ରରେ ଅନିୟମିତତା ଓ କାର୍ଯ୍ୟରେ ଅବହେଳା ହୋଇଥିବା ନେଇ ପୂର୍ବର ଖବର ପ୍ରସାରଣ କରାଯାଇଥିଲା । ତେବେ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା ।

## ଗାଁରେ ବାଘ ଆତଙ୍କ

**ଛତ୍ରପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗାଁରେ ବାଘ ଆତଙ୍କ ଦେଖିବାକୁ ମିଳିଛି । ଗାଁର କିଛି ବ୍ୟକ୍ତି ମନ୍ଦିରକୁ ଯିବା ସମୟରେ ରାସ୍ତାରେ ଏକ ବାଘ ଯାଉଥିବାର ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଜଣାଇଥିଲେ । ପରେ ଗ୍ରାମବାସୀମାନେ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରୁ ବାଘର ପାଦ ଚିହ୍ନ ଏବଂ ଚୁଟି ଆଦି ସଂଗ୍ରହ କରାଯାଇଛି ।

## ୧୧ କେଭି ବିଦ୍ୟୁତ୍ ଝଟ୍‌କାରେ ମହିଳା ମୃତ

**ଗୋଲାମୁଣ୍ଡା : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କେଗାଁ ଠାରେ ଆଜି ନିର୍ମାଣଧୀନ ଘରେ କାମ କରୁଥିବା ବେଳେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହେବା ଘଟଣା ଏଠାରେ ଚାଞ୍ଚଲ୍ୟ ଖେଳି ଯାଇଛି । ସୂଚନାରୁ ପ୍ରକାଶ ଯେ, କେଗାଁର ଅଶୋକ ଅଗ୍ରୱାଲ ନୂଆଁଘର ନିର୍ମାଣ କରୁଛନ୍ତି । ସେହି ନିର୍ମାଣଧୀନ ଘରେ ଆଜି ଶ୍ରମିକ ଭାବେ ପୀତବାସ ପୁଟେଲଙ୍କ ସ୍ତ୍ରୀ ଲବଣି ପୁଟେଲ କାମ କରୁଥିଲେ । ଛାତ ଉପରେ କାମ କରୁଥିବା ସମୟରେ ଛାତ ଉପର ଦେଇ ଯାଇଥିବା ୧୧ ହଜାର କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ନିମନ୍ତେ ଚପରିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ହେଲେ ସେଠାରେ ଡାକ୍ତର ଲବଣିଙ୍କୁ ମୃତ ଘୋଷଣା କରିଥିଲେ ।

## ହାତୀ ଭାଙ୍ଗିଲା ଘର, ନଷ୍ଟ କଲା ଆସବାବପତ୍ର

**ଢେଙ୍କାନାଳ, ୩୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ରାତ୍ରିରେ ଏକ ଦନ୍ତା ହାତୀ ଘର ଭାଙ୍ଗି ଥିବାର ଜଣାଯାଏ । ଗଁଦିଆ ବ୍ଲକ ଅନ୍ତର୍ଗତ ସୋରିଶିଆପଦା ଗ୍ରାମ ପଞ୍ଚାୟତ ଅଧୀନ ବଣିଆ ଗ୍ରାମରେ ଗତକାଲି ରାତ୍ରିରେ ଲକ୍ଷ୍ମୀ ବାଳମୁଚ ନିଜର ଘରେ ସୋଇଥିବା ସମୟରେ ଏକ ଦନ୍ତା ହାତୀ ଆସି ତାର ଘରର କାନ୍ଥ ଭାଙ୍ଗିବା ସହିତ ଘରେ ସାଇତା ଥିବା ଚାଉଳ ସବୁକୁ ପାଖ ଜଙ୍ଗଲକୁ ବୋହି ନେଇଥିଲା ଓ ଘରେ ପଶି ଅନ୍ୟାନ ଆଶାବାବାପତ୍ର ସବୁ ଦଳି ନଷ୍ଟ କରିଥିବାର ଜଣାଯାଏ । ଉକ୍ତ ଘଟଣା ଦେଖି ଲକ୍ଷ୍ମୀ ଜୀବନ ବିକଳରେ ନିଜର ଜୀବନ ବଞ୍ଚାଇ ପଦାକୁ ପଳାଇଯାଇଥିଲା । ଉକ୍ତ ପଞ୍ଚାୟତରେ ଦିନକୁ ଦିନ ହାତୀ ମାନଙ୍କର ପ୍ରାର୍ଦୁଭାବ ଫଳରେ ବସ୍ତି ବାସିନ୍ଦା ତଥା ଗ୍ରାମବାସୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ମୁଲ ମଜୁରୀ କରି ଗୁଜୁରାଣ ମେଣ୍ଟାଉ ଥିବା ଉକ୍ତ ଲକ୍ଷ୍ମୀକୁ ତୁରନ୍ତ ସରକାରୀ ସାହାଯ୍ୟ ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

**ସୁନ୍ଦରଗଡ଼, ୩୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଶୀଶାଡିହିରୁ ଆସିଛି ଏକ ଅଭାବନୀୟ ଘଟଣା । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ହୋଇଛି ଓ ବାନ୍ଧବୀ ପୋଡ଼ିହୋଇ ଗୁରୁତର ହୋଇଛନ୍ତି । ମୃତକ ହେଲେ ପ୍ରେମରାଜ୍ ମୁଣ୍ଡା (୨୩) ।

ସୂଚନା ମୁତାବକ, ପ୍ରେମରାଜ ମୁଣ୍ଡା ନିଜ ବଡ଼ବାପା ସୁଦର୍ଶନ ମୁଣ୍ଡାଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ଆସିଥିଲା । ଏହାପରେ ସେ ଫେରାର୍ ଥିଲେ । ମାତ୍ର ଗୁରୁବାର ପ୍ରେମରାଜ ଆତ୍ମସମର୍ପଣ କରିବାକୁ ନିଜ ବାନ୍ଧବୀଙ୍କୁ ନେଇ ଶିଶାଡ଼ିହି ଗାଁକୁ ଆସିଥିଲେ । ଏହା ଜାଣି ମୃତ ସୁଦର୍ଶନ ମୁଣ୍ଡାଙ୍କ ପତ୍ନୀ ଏବଂ ପୁଅମାନେ ମାରଣାସ୍ତ୍ର ଧରି ମାରିବାକୁ ଗୋଡ଼ାଇଥିଲେ । ପ୍ରେମରାଜ ଜୀବନ ବିକଳରେ ଧାଇଁଥିଲେ । କିନ୍ତୁ ସାଲେଇଡ଼ିହି ଠାରେ ବନ୍ୟଜନ୍ତୁ କବଳରୁ ଫସଲ ରକ୍ଷା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ବିଦ୍ୟୁତ୍ ଆଘାତରେ ପ୍ରେମରାଜ ଏବଂ ତାଙ୍କ ବାନ୍ଧବୀ ପୋଡି ହୋଇଯାଇଥିଲେ । ଉଭୟଙ୍କୁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ପ୍ରେମରାଜଙ୍କୁ ମୃତ ଘୋଷଣା କରିଥିଲେ । ବାନ୍ଧବୀଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ମନ୍ଥା ପ୍ରଭାବରେ ଥୋଡ ଧାନ ଜମିରେ ଭାସୁଛି

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ଝଡ ମନ୍ଥା ପ୍ରଭାବରେ ତିନିଦିନ ହେଲା ତୁହାକୁ ତୁହା ବର୍ଷା ସହିତ ପବନ ଜାରି ରହିଛି । ପୁରୀ ଜିଲ୍ଲାର ଭାତ ହାଣ୍ଡି ଭାବେ ପରିଚିତ କଣାସ ବ୍ଲକର ଅନେକ ଧାନ ଜମିରେ ଧନଥୋଡୁଅ ନେଉଥିବା ବେଳେ କେତେକ ଜମିରେ ଧାନ ପଡିଥିବା ବେଳେ ସୁଗୁଡିକ ପବନ ଯୋଗୁଁ ଧାନ ଜମିରେ ଶୋଇପଡିଥିବା ବେଳେ ଜମିରେ ହିଥିବା ବର୍ଷାଜଳରେ ବୁଡିଯାଇଥିବାରୁ ନଷ୍ଟ ହେବାକୁ ବସିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । କଣାସ ବ୍ଲକ ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳିସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଗଡସାହି, ବକୁ, ଅଡାଳ, ଦୋଛିଆଁ, ସାହୁପଡା, ଦେଇପୁର, ଗଡଖାରଦ ଗ୍ରାମପଞ୍ଚାୟତରେ ଅଧିକ ପରିମାଣର ଶାରଦ ଧାନ ଫସଲ ନଷ୍ଟ ହୋଇଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗ୍ରାମ୍ୟ ମହାଜନଙ୍କ ଠାରୁ ଚଢାସୁଧରେ ଋଣ ଆଣି ଫସଲ କରିଥିଲେ। କିପରି ଋଣ ସୁଝିବେ ଚାଷୀମାନଙ୍କ ଚିନ୍ତା ବଢାଇଦେଇଛି । ସେହିପରି ଗଡସାନପୁଟ, ଗଡବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ପରିବା ଫସଲ ଉପରେ ନିର୍ଭର କରିଥାଆନ୍ତି । ପରିବା ଫସଲ ବନ୍ୟାଜଳରେ ବୁଡିଯିବାରୁ ନଷ୍ଟ ହୋଇଯାଇଛି । ଚାଷୀମାନେ ବନ୍ୟା ଛାଡିବାପରେ ପୁନଶ୍ଚ ଉକ୍ତ ଜମିରେ ପରିବା ଫସଲ ପାଇଁ ମଞ୍ଜି ଲଗାଇଥିବା ବେଳେ ମନ୍ଥା ପ୍ରଭାବରେ ତିନିଦିନ ଧରି ତୁହାକୁ ତୁହା ବର୍ଷା ଲାଗିରହୀଥିବାରୁ ପରିବା ଫସଲ ନଷ୍ଟ ହୋଇଯାଇଥିବା ଚାଷୀଙ୍କଠାରୁ ପ୍ରକାଶ ।

## ପାଠପଢା ଅଧା ବର୍ଷ ପୂରିଲାଣି, ଛାତ୍ରଛାତ୍ରୀଙ୍କୁ ମିଳିପାରିଲାନି ପୋଷାକ

**ନିଆଳି, ୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ର ଓ ରାଜ୍ୟ ସରକାର ଘରୋଇ ସ୍କୁଲରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ଭଳି ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କିଭଳି ସମକକ୍ଷ୍ୟ ହେବେ ରଙ୍ଗ ବେରଙ୍ଗର ଡ୍ରେସ ବଦଳରେ ୟୁନିଫର୍ମ ପିନ୍ଧି ସ୍କୁଲ ଯିବେ ସେଥିନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ୨୦୨୫–୨୬ ଶିକ୍ଷା ବର୍ଷ ଅଧାବର୍ଷ ପୁରିଲାଣି ନିଆଳି ବ୍ଲକରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୫ଟି ବିଦ୍ୟାଳୟ ଥିବାବେଳେ ସେଥି ମଧ୍ୟରୁ ୬୦ଟି ବିଦ୍ୟାଳୟରେ ଡ୍ରେସ ବଣ୍ଟନ ହୋଇଥିବା ବେଳେ ଅବଶିଷ୍ଟ ୫୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚଳିତ ବର୍ଷର ଡ୍ରେସ ଯୋଗାଇ ଦିଆଯାଇ ନାହିଁ । ସବୁଠୁ ବଡ଼ ଘଟଣା ଦେଖିବାକୁ ମିଳିଛି ଖୋଦ୍ ନିଆଳି ବ୍ଲକ ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ । ଏପର୍ଯ୍ୟନ୍ତ ଡ୍ରେସ ଯୋଗାଇ ଦିଆଯାଇନାହ । ଉକ୍ତ ଡ୍ରେସ ଗୁଡିକ ଯୋଗାଇବା ପାଇଁ ଏସଓଜି ଗ୍ରୁପ ଓ ଅନ୍ୟାନ୍ୟ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ହେଲେ ସେମାନେ ରାଜନୈତିକ ନେତାଙ୍କ ଛତ୍ରଛାୟା ତଳେ ରହି ଛାତ୍ରଛାତ୍ରୀଙ୍କୁ ଡ୍ରେସ ଦେବାରେ ବିଳମ୍ବ କରୁଛନ୍ତି । ଏ ନେଇ ଅଭିଭାବକମାନେ ଅଭିଯୋଗ କଲେ ମଧ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ନିରୁପାୟ । ସୂଚନା ଥାଉ କି ଏହି ଡ୍ରେସ ବଣ୍ଟନ ରେ ଏକ ମହା ଘୋଟାଲା ହୋଇଥିବା ଅଭିଯୋଗ ହେଉଛି । ଦୁଇଦିନ ମଧ୍ୟରେ ବିଦ୍ୟାଳୟକୁ ଯଦି ଡ୍ରେସ ଯୋଗାଇ ନ ଦିଆଯାଏ ଜନ ଅସନ୍ତୋଷ ତେଜିବ ବୋଲି ଅଭିଭାବକମାନେ କହିଛନ୍ତ ।

# ଡଙ୍ଗା ତିଆରିରେ ନିମଗ୍ନ କାରିଗର : ବିକ୍ରି ନେଇ ଆଶଙ୍କା

**ମାହାଙ୍ଗା, ୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**





ଆଉ ୪ ଦିନ ପରେ କାର୍ତ୍ତିକ ପୂର୍ଣ୍ଣମୀ । କାର୍ତ୍ତିକ ମାସ ହେଉଛି ଧର୍ମର ମାସ । କେଉଁ କାଳରୁ ଓଡିଆ ବଣିକମାନେ ସୁଦୂର ପାର ହୋଇ ଜାଭା, ସୁମିତ୍ରା ଆଦି ବଣିଜ କରିବା ପାଇଁ ବିଦେଶକୁ ଯାଉଥିଲେ । ଏହି ଉଦ୍ଦେଶ୍ୟରେ ପାଳନ ହେଉଛି ପବିତ୍ର ଡଙ୍ଗା ଭସା ପର୍ବ । କାର୍ତ୍ତିକ ମାସର ଶେଷ ଦିନରେ ଓଡିଆମାନଙ୍କର ବର୍ଷକ ଜାକର ଧରମ ପାଇଁ ଡଙ୍ଗା ଭସା ପର୍ବ ପାଳନ କରାଯାଇଥାଏ । ସୋଲ ତିଆରି ଡଙ୍ଗା, କଦଳୀ ବାଉଙ୍ଗା ଡଙ୍ଗା ଏବଂ ପ୍ଲାଷ୍ଟକରେ ତିଆରି ଡଙ୍ଗା ପୋଖରୀ, ନାଳ, ନଦୀ ଆଦିରେ ସମସ୍ତ ଓଡିଆ ଲୋକମାନେ ଡଙ୍ଗା ଭସାଇଥାନ୍ତି । ଡଙ୍ଗା କାରିଗରମାନେ ଏବେଠୁଁ ଡଙ୍ଗା ତିଆରିରେ ଲାଗି ପଡିଲେଣି । ଚଳିତ ବର୍ଷ ସମୟର ଅନୁକୂଳ ପାଗ ଥିବାରୁ ଡଙ୍ଗା କାରିଗରମାନେ ମନରେ ଆଶା ବାନ୍ଧିଛନ୍ତି ଭଲ ଦୁଇ ପଇସା ବେପାର କରିବେ ବୋଲି । ଏଥିପାଇଁ ବେଶ ଜୋରସୋରରେ ଚାଲିଛି ଡଙ୍ଗା ତିଆରି । ମାହାଙ୍ଗା ବ୍ଲକ ଜଳେଶ୍ୱରପୁର, ଗୁଣ୍ଡୁପୁର, ଜୟପୁର, ଶୁକ୍ଳେଶ୍ୱର, କୋଳିଅଠା, ମଉଦା, ଚଷାଖଣ୍ଡ ଅଞ୍ଚଳର ବହୁ (ମାଳି ପରିବାର) ଡଙ୍ଗା କରିଗରମାନେ ଡଙ୍ଗା ତିଆରିରେ ନିମଗ୍ନ ଅଛନ୍ତି । କାହିଁ କେଉଁ କାଳରୁ ପାରମ୍ପାରିକ ଭାବରେ କୁଳ ବେଉସାକୁ ଆଗକୁ ନେଇ ଚାଲିଛି ଡଙ୍ଗା ତିଆରି କାମ । କାରିଗରମାନେ ପ୍ରଥମେ ସୋଲ ସଂଗ୍ରହ କରି ସୋଲକୁ ଶୁଖାଇ ସୋଲରେ ବିଭିନ୍ନ ରକମର ରଙ୍ଗ ଦେଇ ଚିତ୍ର ବିଚିତ୍ର କରି ଏଥିରେ ଅଠା ଓ କରଚିଙ୍ଗ କାଗଜ ଲଗାଇ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଭଳିକି ଭଳି ଡଙ୍ଗା ନିର୍ମାଣ କରିଛନ୍ତି । ଏବେ ଗୋଟିଏ ଡଙ୍ଗା ପିଛା ୧୦ ଟଙ୍କାରୁ ଏକ ଶହ ପର୍ଯ୍ୟନ୍ତ ଡଙ୍ଗା ତିଆରି କରୁଛନ୍ତି । କାର୍ତ୍ତିକ ପୂର୍ଣ୍ଣମା ପାଇଁ ଏହି କାରିଗରମାନେ ଦିନ ଓ ରାତି ତମାମ ଲାଗି ପଡନ୍ତି ସମସ୍ତେ । ଘରର ମହିଳାମାନଙ୍କଠାରୁ ଆରମ୍ଭ କରି ପୁରୁଷମାନେ ଏହି ଡଙ୍ଗା କାର୍ଯ୍ୟରେ ନିୟୋଜିତ ଥା'ନ୍ତି । ଜଳେଶ୍ୱରପୁର ଗ୍ରାମର ଗୋବିନ୍ଦ ରଣା ଓ ଆନନ୍ଦ ରଣା ଯାହା କୁହନ୍ତି ବର୍ତ୍ତମାନ ଡଙ୍ଗା ତିଆରି ନିମନ୍ତେ କଞ୍ଚା ମାଲ ଉଚ୍ଚା ଦର ରହିଛି । ତଥାପି ଡଙ୍ଗାର ମୂଲ୍ୟକୁ ଅଧିକ ନ ବଢାଇ ଡଙ୍ଗା ବିକ୍ରି କରାଯିବ ବୋଲି କହିଛନ୍ତି । ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକରେ ଭଳିକି ଭଳି ଡଙ୍ଗା କମ୍ପାନୀ ଦ୍ୱାରା ତିଆରି କରାଯାଉଥିବାରୁ ଡଙ୍ଗା କାରିଗରମାନେ ଏବେ ଚିନ୍ତାରେ ଅଛନ୍ତି । ତେଣୁ ସରକାରଙ୍କ ସହାୟତା ମିଳିପାରିଲେ ସେମାନେ ଅଧିକ ଡଙ୍ଗା ତିଆରି କରିବା ସହ ବେଶ ଭଲ ଦୁଇ ପଇସା ପାଇପାରନ୍ତେ ବୋଲି କହିଛନ୍ତି ।

■ ପ୍ରଶ୍ନ ଉଠେ ଆମ ଦେଶ ହେଉ କି ପୁରା ବିଶ୍ୱରେ, ମୂକ ବା କଥା କହିପାରୁନଥିବା ନେତା ଅଛନ୍ତି କି? ଯେଉଁମାନଙ୍କର କହିବାର କ୍ଷମତା ନାହିଁ । ସେମାନେ ନେତା ଏବଂ ଲୋକ ପ୍ରତିନିଧି ହୋଇଛନ୍ତି କି? ଦିନେ ଖୁବ୍ ଭଲ ଭାଷଣ ଦେଇପାରୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଭାଷଣ ଦେଇପାରୁନାହାନ୍ତି ସେଭଳି ନେତା ଥାଇପାରନ୍ତି, କିନ୍ତୁ ଜନ୍ମରୁ ମୂକ ନେତା ବୋଧେ ଆମ ଦେଶରେ ନାହାନ୍ତି ! ନେତାଙ୍କ ଅସଲ ପରିଚୟ ହେଲା– ତାଙ୍କ ଭାଷଣ ପଟୁତା। ଆଉ ନେତାଙ୍କ ଭାଷଣ ପଟୁତା ହିଁ ଲୋକଙ୍କର ଦୁଃଖର ଅସଲ କାରଣ ଆଜି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧ ନଭେମ୍ବର ୨୦୨୫ | ଶନିବାର


## ଓଡ଼ିଶା ଏକ୍ସପ୍ରେସ୍

### ନେତାଙ୍କ ଭାଷଣ ପଟୁତା ହିଁ ଲୋକଙ୍କ ଦୁଃଖର କାରଣ

ଗୁରୁବାର ଦିନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଦୁଇଟି ଖବର ବେଶ୍ ଚର୍ଚ୍ଚା ଉପଯୋଗୀ ।

ଗୋଟିଏ ଖବର ଏଇଭଳି– ଗଣତନ୍ତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏ କଥାର ଗୁରୁତ୍ୱ ନିଶ୍ଚିତ ଭାବରେ ରହିଛି । ଏକଥାକୁ କେହି କାଟିପାରିବେ ନାହିଁ । କିନ୍ତୁ ସେଇ ସାହିତ୍ୟ ସଭାରେ ବକ୍ତାମାନେ ମତ ଦେଇଛନ୍ତି– ସାଂପ୍ରତିକ ପରିସ୍ଥିତିରେ ନିଜର କଥାକୁ ବ୍ୟକ୍ତ କରିବାର ଦକ୍ଷତା ଖୁବ୍ କମ୍ ନେତାଙ୍କ ପାଖରେ ଦେଖିବାକୁ ମିଳୁଛି । ଅନୁଭବର ଅଭାବ ଏବଂ ଦୁର୍ବଳ ଭାବ ପ୍ରକାଶ ଯୋଗୁଁ ବେଳେବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ନିଜର କଥାକୁ କେଉଁ ଢଙ୍ଗ ଉପସ୍ଥାପିତ କଲେ ଏହା ପ୍ରଭାବୀ ହୋଇପାରିବ ସେ ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି ।

ଆଉ ଏକ ଖବର ହେଉଛି– ନୂଆପଡ଼ା ଉପନିର୍ବାଚନ ଆଗାମୀ ୧୧ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଜୋରଦାର ପ୍ରଚାର ଚାଲିଛି । ନୂଆପଡ଼ାରେ ବିଜେପି, ବିଜେଡି ଏବଂ କଂଗ୍ରେସ ନେତାମାନେ ଡେରା ପକାଇଛନ୍ତି । ଆରମ୍ଭ ହୋଇଯାଇଛି ଭାଷଣର ପ୍ରତିଯୋଗିତା । କିନ୍ତୁ ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ଭାଷା ଏକ ନିର୍ଣ୍ଣାୟକ ଭୂମିକା ନେଇଛି । ଯେହେତୁ ନୂଆପଡ଼ା ନିର୍ବାଚନ ମଣ୍ଡଳୀ ଛତିଶଗଡ଼ ସୀମାକୁ ଲାଗିଛି ସେଠିକା ଲୋକେ ହିନ୍ଦୀ ଏବଂ ଛତିଶଗଡ଼ୀ ଭାଷାରେ କଥା ହୁଅନ୍ତି ଏବଂ ଏ ଦୁଇ ଭାଷାକୁ ଭଲ ଭାବରେ ବୁଝନ୍ତି । ତେଣୁ ଯେଉଁ ନେତାମାନଙ୍କର ଏ ଦୁଇଟି ଭାଷା ଉପରେ ଦକ୍ଷତା ନାହିଁ ସେମାନେ ପାଇଁ ସମସ୍ୟା ସୃଷ୍ଟି ହେଉଛି । ସାଧାରଣ ଲୋକଙ୍କୁ ବୁଝେଇବାରେ ସମସ୍ୟା ଦେଖାଦେଉଛି । ଦଳ ଶାସନକୁ ଆସିଲେ ଲୋକଙ୍କ ପାଇଁ କିଏ କେତେ କାମ କରିବ ଏବଂ ଲୋକଙ୍କ ପାଇଁ କିଏ କେତେ ଦରଦୀ ହେବ– ଏ କଥା ବୁଝାଇବା ସବୁ ନେତାଙ୍କ ପକ୍ଷେ ସମ୍ଭବ ହେଉନାହିଁ, ଯେଉଁମାନେ ହିନ୍ଦୀ ଏବଂ ଛତିଶଗଡ଼ୀ ଭାଷା ଜାଣିନାହାନ୍ତି । ତେଣୁ ଏ କ୍ଷେତ୍ରରେ ବିଜେପି ପାଇଁ କେନ୍ଦ୍ରରୁ ଆସୁଥିବା ନେତାଙ୍କର କୌଣସି ସମସ୍ୟା ହେଉନାହିଁ । ଅଧିକାଂଶ କେନ୍ଦ୍ର ନେତା ଏ ଦୁଇ ଭାଷା ବେଶ୍ କହିପାରନ୍ତି ।

ଆମ ଦେଶର ନେତାମାନେ ଭାଷାରେ ଏବଂ ଭାଷଣରେ ପାରଙ୍ଗମ ନହେବା ଲୋକଙ୍କ ପାଇଁ ମଙ୍ଗଳ । ଭାଷଣ ପଟୁତା ହିଁ ଲୋକଙ୍କ ଦୁଃଖର ଅସଲ କାରଣ । ବିଭିନ୍ନ ମନଜିଣା, ବିଭ୍ରାନ୍ତକାରୀ, ଦ୍ୱନ୍ଦ୍ୱାତ୍ମକ ଏବଂ ବିଭେଦ ସୃଷ୍ଟିକାରୀ ଭାଷଣ ବେଳେବେଳେ ସମସ୍ୟା ସୃଷ୍ଟି କରିଥାଏ । ନେତାଏ ଏମିତି ଭାଷଣ ଦେଉଛନ୍ତି ଯାହାକୁ ନେଇ କୋର୍ଟ କଚେରି ଯାଏଁ ମଧ୍ୟ କଥା ଯାଉଛି । ତେଣୁ ଭାଷଣ ଅପେକ୍ଷା ନେତାମାନେ ଯଦି ଲୋକ ସେବା କରନ୍ତେ ତା'ହେଲେ ଭାଷଣର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ । ଭାଷଣରେ ତ ଅନେକ ସ୍ୱପ୍ନ ଦେଖେଇ ହେବ, ଯିଏ ଯେତେ ମନଜିଣା, ହୃଦୟ ଜିଣା ଭାଷଣ ଦେଇପାରୁଛି ସିଏ ଆଜିର ଦିନରେ ସବୁଠୁ ବଡ଼ ନେତା । ତାଙ୍କ କାଟ୍‌ତି ବେଶି । ତାଙ୍କ ଭାଷଣରେ ତାଳିର ଅଭାବ ନାହିଁ । ଯେଉଁ ଭାଷଣ ଶୁଣି ଲୋକେ ଆତ୍ମହରା ହୋଇଯାଆନ୍ତି ଏବଂ ଭାବନ୍ତି ଏ ନେତାଜଣଙ୍କ ହିଁ ଏକମାତ୍ର ସଚ୍ଚା ମଣିଷ ଏବଂ ସେମାନଙ୍କ ଭାଷଣରେ ସଭାସ୍ଥଳ କରତାଳିରେ ଉଚ୍ଛୁଳି ଉଠେ ସେଇ ଭାଷଣ ଯେ ନୀରୁତା ଛଳନା ଥିଲା ତାହା ଲୋକେ ନିର୍ବାଚନ ପରେ ହିଁ ବୁଝିପାରନ୍ତି । ସେତେବେଳକୁ ଅନେକ ଡେରି ହୋଇଯାଇଥାଏ । ଏ ଭାଷଣର ପ୍ରଭାବ ଲୋକଙ୍କୁ ୫ ବର୍ଷ ଯାଏଁ ସହିବାକୁ ପଡ଼େ ।

କୁହାଳିଆ ନେତାଙ୍କ ଚାହିଦା ଆମ ଦେଶରେ ଖୁବ୍ ଅଧିକ । ଟିଭି ବିତର୍କରେ ମଧ୍ୟ ବାଛି ବାଛି ସେଇମାନଙ୍କୁ ନିଆଯାଏ, ଯେଉଁମାନେ ଭଲ କହିପାରିବେ ଏବଂ ଲୋକଙ୍କୁ ପ୍ରଭାବିତ କରିପାରିବେ । ଯେଉଁମାନେ ପ୍ରତିଶ୍ରୁତିରେ ଖିଲାପ କରିବାକୁ ସାମାନ୍ୟ ଭୟ କରନ୍ତି ନାହିଁ ସେଇମାନଙ୍କୁ ହିଁ ସବୁଠୁ ଭଲ ରାଜନୈତିକ ବକ୍ତା ବୋଲି ଲୋକେ ଭାବନ୍ତି । ଯେଉଁ ନେତାମାନେ ଭଲ ଭାଷଣ ଦେଇପାରନ୍ତିନି ଆଜିର ରାଜନୀତିରେ ସେମାନଙ୍କର କାଟ୍‌ତି ନାହିଁ । ଯିଏ ଭଲ ଭାଷଣ ଦେଇପାରିଲା ସିଏ ସରସା ନେତା । ଭାଷଣରେ ଯଦି ଲୋକଙ୍କୁ କାବୁ କରିନପାରିଲ, ତମେ କି ନେତା?

ଏଇଠି ପ୍ରଶ୍ନ ଉଠେ ଆମ ଦେଶ ହେଉ କି ପୁରା ବିଶ୍ୱରେ, ମୂକ ବା କଥା କହିପାରୁନଥିବା ନେତା ଅଛନ୍ତି କି? ଯେଉଁମାନଙ୍କର କହିବାର କ୍ଷମତା ନାହିଁ । ସେମାନେ ନେତା ଏବଂ ଲୋକ ପ୍ରତିନିଧି ହୋଇଛନ୍ତି କି? ଦିନେ ଖୁବ୍ ଭଲ ଭାଷଣ ଦେଇପାରୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଭାଷଣ ଦେଇପାରୁନାହାନ୍ତି ସେଭଳି ନେତା ଥାଇପାରନ୍ତି, କିନ୍ତୁ ଜନ୍ମରୁ ମୂକ ନେତା ବୋଧେ ଆମ ଦେଶରେ ନାହାନ୍ତି ! ନେତାଙ୍କ ଅସଲ ପରିଚୟ ହେଲା– ତାଙ୍କ ଭାଷଣ ପଟୁତା। ଆଉ ନେତାଙ୍କ ଭାଷଣ ପଟୁତା ହିଁ ଲୋକଙ୍କର ଦୁଃଖର ଅସଲ କାରଣ ଆଜି ।

---

## ଦେଖି କି ହସେ- ହସି କି ଦେଖେ



### ଅଆ-ପଣକିଆ

**ବିଜୟ ଦାସ**

କାହାକୁ ଦେଖି କିଏ ହସେ? ଏ ପ୍ରଶ୍ନର ଅର୍ଥ ଅନେକ। ପିଲାଟିଦିନେ ଆମକୁ ଶିକ୍ଷା ଦିଆଯାଉଥିଲା ଅନ୍ଧ, ମୂକ, ବଧିର ଇତ୍ୟାଦି ଦିବ୍ୟାଙ୍ଗମାନଙ୍କୁ ଦେଖି କେବେହେଲେ ହସିବ ନାହିଁ। କାହାର ଦାରିଦ୍ର୍ୟ, କୁରୂପ ଏବଂ ଅଜ୍ଞତାକୁ ପରିହାସ କରିବା ପାପ। ଅପସାଂସ୍କୃତିକ ଏପରି ହସ କାହାକୁ ଛୋଟ କରି ଶିଖିବା, କାହାକୁ ପରିହାସ କରିବା ବା ନିଜର ସମ୍ପୂର୍ଣ୍ଣତାକୁ ଅନ୍ୟର ଅପୂର୍ଣ୍ଣତା ଉପରେ ତାଚ୍ଛଲ୍ୟପୂର୍ବକ ପ୍ରକାଶ କରିନାହିଁ କେବଳ ଅହଂର ସୂଚନା ନୁହଁ ବରଂ ନିଜର ଅଜ୍ଞତା ଓ ମାନସିକ ଅପୂର୍ଣ୍ଣତାକୁ ଜାହିର କରେ। ଚକ୍ରାବତ୍ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ ଉକ୍ତି ଆଢୁଆଳରେ ଏକଥା ସ୍ୱତଃ ସିଦ୍ଧ ଯେ କାହାର କେତେବେଳେ କେଉଁ ଦୁର୍ଦ୍ଦିନ ଆସିବ, ତାହା କାଳକୁ ଜଣା। ଦେଖିକି ହସେ ଏଠାରେ ବିଦ୍ରୂପ ବୋଲି ପ୍ରତୀୟମାନ ହୁଏ ।

ହସିଲା ତ ଫସିଲା ବୋଲି ପ୍ରେମ ନିବେଦନର ଏକ ଲୋକ କଥା। ମୋତେ ଦେଖି ଝିଅଟିଏ କି ପୁଅଟିଏ ହସିଲାର ଅର୍ଥ ମୋତେ ଭଲ ପାଇବସିଲା, ଏକଥା ନୁହେଁ । ହୁଏତ ମୋ ଉପରେ ତା'ର ଦୃଷ୍ଟି ରହିଛି ଅକସ୍ମାତ ସତ, ମାତ୍ର ସେ ମନେମନେ କେଉଁ କଥାକୁ ମନେପକେଇ ହସିପାରୁଥାଏ । ଏମିତି ହୁଏତ 'କହିଁ ପେ ନିଗାହେଁ, କହିଁପେ ଇଶାରା' ମଧ୍ୟ ହୋଇପାରେ । ଏଥର ସେ ଯେ ଦେଖିକି ହସେ ଏକ ପ୍ରଶ୍ନବାଚୀ। ଦେଖିକି ହସିଲା କି ହସୁ ହସୁ ଦୃଷ୍ଟି ପଡ଼ିଲା ମଧ୍ୟ ଏକ ପ୍ରଶ୍ନ। ମୂଳ କଥା ହସ ଯାହାର, ସେ ଜାଣେ କାହିଁକି ହସୁଛି । ମୁଁ ତାକୁ ହସିବାର ଦେଖିଲି ବୋଲି ମୋର ଏ ବିଷୟରେ ଭାବିବାର କ'ଣ ଅଛି ନା ତା' ହସକୁ ତର୍ଜମା କରିବାର ଆବଶ୍ୟକତା କ'ଣ ଅଛି । ଯେପର୍ଯ୍ୟନ୍ତ ସେ ହସି ହସି ମୋତେ କଟାକ୍ଷ ନ କରିଛି, କିଛି ସକରାତ୍ମକ ଭାବ ପ୍ରକାଶ ନ କରିଛି ଶବ୍ଦରେ, ସେପର୍ଯ୍ୟନ୍ତ ମୋର ଯାଏ ଆସେ କିଛି ନାହିଁ ।

କେବଳ ଓଠ ଖୋଲିଲେ ଯେ ହସିବା ହୁଏ, ତାହା ନୁହେଁ । ଓଠ ଯେ କଥା କହେ କେବଳ ତାହା ବି ନୁହେଁ । ଏହାଠାରୁ ବଡ଼ ମାରାତ୍ମକ ଯନ୍ତଟି ଆଖି। ଆଖି କେବଳ ଦେଖିପାରେ ତାହା ନୁହେଁ, ସେ ବି ହସିପାରେ, ସେ ମଧ୍ୟ ଚୁପ୍‌ଚାପ୍ କଥା କହିପାରେ। ଆଖିର ବିଭିନ୍ନ ଚାଲିଚଳନରୁ ମାପି ହେବ ତା'ର ଅର୍ଥ କ'ଣ? ମୁରୁକି ହସ, ଠୋ ଠୋ ହସ, ଉଚ୍ଛୁଳା ହସ ଏସବୁ ତ କଟାକ୍ଷ ନୁହେଁ। ବିଭତ୍ସ ହସ ଓ ଅପ୍ରାକୃତିକ ହସ ହିଁ ଛିଗୁଲାଇବା ଓ ଛୋଟ ବୋଲି ଭାବିବାର ପ୍ରତ୍ୟୟ । ଦେଖିକି ହସେ, ନିଶ୍ଚେ କୌଣସି ଏକ ଭାବର ପରିଚାୟକ। ଏ ଭାବ ମନରୁ, କେବେହେଲେ ହୃଦୟରୁ ନୁହେଁ ।

ବିବେକ ଅନୁମୋଦିତ ହସରେ କେବେହେଲେ ତାଚ୍ଛଲ୍ୟ ନଥାଏ । ଏମିତି ଅନେକ ଉଦାହରଣ ଅଛି ଯେ କାହାକୁ ଦେଖିଲେ ହସମାଡ଼େ । ଏହି ହସ ଉଦ୍ରେକର କାରଣ ଯେ ହସେ ତା' ପାଇଁ ନୁହେଁ, ବରଂ ତା' ସାମ୍ନାରେ ଥିବା ମଣିଷଟି ହସି ଉଦ୍ରେକ କରିବାକୁ ଉତ୍ସୁକଉଥାଏ। ଯେପରିକି କୌଣସି ବ୍ୟଙ୍ଗ ମୁଦ୍ରା, ବ୍ୟଙ୍ଗ କଥାର ଇଙ୍ଗିତ ତଥା ବ୍ୟଙ୍ଗାତ୍ମକ ଅଙ୍ଗଭଙ୍ଗୀ ଇତ୍ୟାଦିକୁ ଦେଖିଲେ ହସ ମାଡ଼େ । ଏ ହସ ପାଇଁ ମୁଁ ଦାୟୀ ନୁହେଁ, ବରଂ ମୋ ସାମ୍ନାରେ ଥିବା ବ୍ୟକ୍ତି ହିଁ ଦାୟୀ । ଯେତେଯେତେ ହାସ୍ୟ କଳାକାର ଅଛନ୍ତି, ସେମାନଙ୍କର ତ ମୁଖ୍ୟ କାର୍ଯ୍ୟ ହସ ଫୁଟେଇବା । କେବଳ ମଞ୍ଚରେ ନୁହେଁ, ବାସ୍ତବ ଜୀବନରେ ଆପଣ ଏମିତି ଅନେକ ବ୍ୟକ୍ତିଙ୍କୁ ଭେଟିଥିବେ, ଯିଏ ହସ ବାଣ୍ଟିବାରେ ଧୁରନ୍ଧର। ଏପରିକି ଏକ ଗମ୍ଭୀର ସମସ୍ୟାର ଆଲୋଚନା ବେଳେ, ତର୍କର ତିକ୍ତତା ଭିତରେ ଏକ ଏକ ହସୋଦ୍ଦୀପକ କଥା କହନ୍ତି, ଯାହାକି ଆବହାଓ୍ୱାକୁ ହାଲ୍‌କା କରିଦିଏ ।

ହେଲେ ଆଜିର ସମାଜରେ ଏ ତିତିକ୍ଷାର ହସ, ତାଚ୍ଛଲ୍ୟର ହସ ବହୁ କ୍ଷେତ୍ରରେ ପରିଲକ୍ଷିତ । ସବୁଠାରୁ ବଡ଼ କଥା ହେଉଛି ମଣିଷ ନିଜର ଅତୀତକୁ, ଅତୀତର ସଂଘର୍ଷକୁ ଭୁଲିଯାଏ। ମାଟିକୁ ଛାଡ଼ି ଯେତେବେଳେ ଉଡୁଥାଏ, ସେତେବେଳେ ମାଟି ଉପରେ ଚାଲୁଥିବା ସବୁ ମଣିଷକୁ ଥଟ୍ଟା କରେ। କିନ୍ତୁ ଏକଥା ଭୁଲିଯାଏ ଯେ ମାଟିରେ ଝୁଣ୍ଟି ପଡ଼ିଲେ, ମାଟିର ମଣିଷ ପୁଣି ଛିଡ଼ା ହୋଇ ଚାଲିବ, କିନ୍ତୁ ଆକାଶରୁ ଖସିପଡ଼ିଲେ, ପକ୍ଷଚ୍ୟୁତ ପକ୍ଷୀ ପରି ନିଶ୍ଚେ ଭୂଲୁଣ୍ଠିତ ହେବ ଓ ଆଉ ଉଠିବାକୁ ଶକ୍ତି ପାଇବ ନାହିଁ । ଏଣୁ ହେ ମାନବପକ୍ଷୀ ଥରେ ତ ଚିନ୍ତା କର, ଉଠିବା ପୂର୍ବରୁ ଏହି ମାଟିରୁ ତ ଖଣ୍ଡିଉଡ଼ା ଦେଇଛ!

ଦେଖିଲେ ହସୁଛି ଯଦି ହସୁଥାଉ । କାରଣ ସେ ଜାଣେନି ଯେ ତା' ଉପରେ ଥାଇ କାଳ ମଧ୍ୟ ହସୁଛି। ମଣିଷର ହସ ବିଷ ପରି ଲାଗେ ସତ ହେଲେ ବିଷ ନୁହେଁ ନା । କାଳର ହସ ସତରେ ବିଷାକ୍ତ । ରକ୍ତରେ କାହାର, ଅନ୍ୟ କାହାର ତାଚ୍ଛଲ୍ୟର ହସ ବିଷ ହୋଇ ଚରିଯିବା ଆଗରୁ ନିଜକୁ ସ୍ଥିର ରଖି ନିଜ କର୍ମରେ ମନଦେବା ଆବଶ୍ୟକ । କାରଣ ନିଜର କର୍ମ ହିଁ ସମାଜରେ ପ୍ରତିଷ୍ଠିତ କରାଏ ନିଜକୁ, କାହାର କଟାକ୍ଷଭରା ହସ ନୁହେଁ ।

**ହସିକି ଦେଖେ**

ହସିକି ଦେଖେ ଏକ ସକରାତ୍ମକ ଦିଗ ହେଉଛି ହସର। ପ୍ରଥମେ ସେ ହସିଲା ଓ ମୋତେ ଦେଖିଲା । ଏଥିରେ ସ୍ନେହ ପ୍ରେମ ଭଲପାଇବା ଇତ୍ୟାଦି ଗୁଣମାନ ନିହିତ ଥିବାର ଆମ୍ଭେ ମନେକରୁ । ମନେ ମନେ ସେ ସିଦ୍ଧାନ୍ତ କରିସାରିଛି ଯେ ହସ ହସ ମୁହଁରେ ବା ମୁଖରେ ହସ ଖେଳାଇ ମୋତେ ଦେଖିବ। 'କିଏ ସାତ କିଏ ସତର, ହସି ଦେଲେ ସବୁ ନିଜର' । ଏଥକୁ ନିଜର କରିବାର ଏକ ଅନନ୍ୟ ଗୁଣ ହେଉଛି ହସିବା । ହସି ଦେଇ ଦେଖିଦେଲେ ବା କଥା ହେଲେ ଖର୍ଚ୍ଚାନ୍ତ ହେବାକୁ ପଡେନାହିଁ । ବରଂ ମାନବିକତାର ମୂଲ୍ୟବୋଧ ବଢ଼େ । ସେଥିପାଇଁ ହସ ଏକ ମହୌଷଧୀ ଅସୂୟାର, ଘୃଣାର ଓ ଏକାକିତ୍ୱର । ଝିଅଟିଏ ଯଦି ପୁଅଟିକୁ ବା ପୁଅ ଜଣେ ଝିଅ ଜଣକୁ ହସିକି ଦେଖିଲା ତ ବନ୍ଧୁତ୍ୱର ଏ ସେତୁ ବାନ୍ଧି ହୋଇଗଲା ବୋଲି ଭଲ ପାଇବାର ପୃଷ୍ଠଭୂମିରେ ଏକ ସୁମଧୁର ତତ୍ତ୍ୱ । କିନ୍ତୁଇ ଚିନ୍ତା କରନ୍ତୁ ଯଦି ସେହି ହସି କରି ଦେଖିବା ଭିତରେ ଛଳନା ଥାଏ?

ବହୁ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନଙ୍କ ଭିତରେ ହସିକି ଦେଖିବାର ପ୍ରକ୍ରିୟା କମ୍ । ତା'ର ମଧ୍ୟ କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗେ । 'ବସ୍' ଶବ୍ଦଟି ଏକ ମୂଲ୍ୟହୀନ ଅହଂ । ଏଇଥିପାଇଁ ଯେ ଯିଏ ମୁଖ୍ୟ ତାଙ୍କର ତ କାମ ଦରକାର । ତାଡ଼ନା ଦେଇ, ମାନସିକ ନିର୍ଯାତନା ଦେଇ କ'ଣ ବେଶି କାମ ଆଦାୟ କରିହୁଏ? ଏଥିରେ ବେଶି କ୍ଷତି କାହାର? ଅନୁଷ୍ଠାନର ଏବଂ ସ୍ୱୟଂ ମୁଖିଆଙ୍କର ନୁହେଁ କି । ଏକ ବ୍ୟତିକ୍ରମର କଥା କହୁଛି । ମୋର କଲେଜ ଜୀବନରେ ଏମିତି ଜଣେ ଉପକୁଳାଧିପତି ଥିଲେ ଯେ, ସେ ସବୁବେଳେ ଗମ୍ଭୀର ରୁହନ୍ତି । ଯଦି କେବେ କୌଣସି କର୍ମଚାରୀକୁ ହସିକି ଦେଖି ଦେଲେ ତ କଥା ସରିଲା । ଅର୍ଥାତ୍ ସେ ହସି କି ଦେଖିଲେ ଚାକିରି ଗଲା । ସେ ବୋଧହୁଏ ଏଇଥିପାଇଁ ହସନ୍ତି ଯେ 'ମୁଁ ତ ୟାର ଚାକିରି ନେବି, ତେବେ ବଚନେନ କିଂ ଦାରିଦ୍ର୍ୟତା', ଅର୍ଥାତ୍ ଏହାପରେ ସେ ସେ ମୋ ହସ ଦେଖିପାରିବ ନାହିଁ ଓ ଅନ୍ତତଃ ମୁହୂର୍ତ୍ତକ ପାଇଁ ଖୁସି ହେଉ । ଅନ୍ୟ ଏକ ଭାବରେ ଦେଖିଲେ ସେ ନିଜେ ଖୁସି ଯେ, ଯାହା ହେଉ ଏମନ୍ତ ଅଥର୍ବ କର୍ମଚାରୀକୁ ମୁଁ ବିଦା କଲି । ତେଣୁ ହସିଲି ଆଉ କ'ଣ?

ଏକ ସାଧାରଣ କଥାଟିଏ କହିବା । ଶିଶୁଟିଏ ଜନ୍ମ ହେଲେ ସେ କାନ୍ଦୁଥାଏ, କିନ୍ତୁ ଅନ୍ୟମାନେ ହସିକି ଦେଖନ୍ତି । ବିଶେଷତଃ ମାଆଟି ଶିଶୁର ମୁହଁକୁ ହସି ହସି ପରିତୃପ୍ତିରେ ଚାହିଁଥାଏ । ଏହି ନିରୋଳା ଖୁସିର ହସ ପଛରେ କେତେ ଯେ ବେଦନା ଓ ଗର୍ଭଯନ୍ତ୍ରଣା ରହିଥିଲା, ତାହା ସେ ଭୁଲିଯାଏ । ଅପେକ୍ଷମାଣ ମୁହୂର୍ତ୍ତର ସମାପ୍ତି ପରେ ଯେତେବେଳେ ବି ମିଳନର ସମୟ ଆସିଛି, ସେତେବେଳେ ହସିକି ଦେଖିବା ଅନିବାର୍ଯ୍ୟ ହୋଇଛି ।

ଏଥକୁ ମଣିଷର କର୍ମ ଏପରିକି ହେବା ଉଚିତ୍ ଯେ ସେ ହସି ହସି ଦେଖିପାରିବ ସନ୍ତୁଳିତ, ଅନୁତପ୍ତ ଲୁହ ଝରାଉଥିବା ସମାଜକୁ ।

ହସ କେବଳ ଏକ ଭାବର ପରିପ୍ରକାଶ ନୁହେଁ, ବରଂ ସୁସମ୍ପର୍କ ଯୋଡ଼ିବାର ସେତୁବନ୍ଧ । ଯେତେବେଳେ ଆମ୍ଭେ କାହାକୁ ବି ହସିକି ଦେଖୁ ସେତେବେଳେ ହସର ଏ ଅଣଲେଉଟା ଜୁଆର ଖେଳିଯାଏ । ଏକ ହସର ତରଙ୍ଗ ମଥା ପିଟେ ସାମ୍ନାରେ ଥିବା ମଣିଷ ମୁହଁରେ । ଏହାକୁ ସମ୍ଭାଷଣ କହିପାରନ୍ତି, ନିଜର କରିଦେବା ବି କହିପାରନ୍ତି । କିନ୍ତୁ କିଛି ଭାବ ନଥାଇ ଯଦି ଜଣେ ପାଗଳର ହସ ହସି ଦେଖେ, ତାହା ତରଙ୍ଗ ସୃଷ୍ଟି କରିପାରେନା, ବରଂ ଶୁଷ୍କ ତପ୍ତବାୟୁ ପ୍ରେରଣ କରିଥାଏ । ହସର କାରଣ ବ୍ୟଙ୍ଗ କରିବା ନୁହେଁ ବରଂ ପ୍ରଶଂସା କରିବା, ସ୍ନେହାଦର କରିବା ହେବା ଉଚିତ୍ ।

ପୂଜା ଆସୁଛି ତ ମଆ ହସୁଛି ବୋଲି କୁହାଯାଏ । ଏ ହସ ସତରେ ମାଆଙ୍କ ମୃଣ୍ମୟୀ ପ୍ରତିମା ଭିତରେ ଥାଏ କି । ନା, ସେ ତ ମହିଷାସୁରକୁ ବଧ କରିବା ମୁଦ୍ରାରେ କ୍ରୋଧରେ ଥାଆନ୍ତି । କିନ୍ତୁ ଆମକୁ ଲାଗେ ମାଆ ମଧ୍ୟ ହସୁଛନ୍ତି ଏକ ପରିତୃପ୍ତିର ହସ, ଏକ ବିଜୟର ହସ, ଅସତ୍ୟ ଉପରେ ସତ୍ୟର ହସ । ଆମକୁ ତାଙ୍କର ଏ ମୁଦ୍ରାରୁ ଲାଗେ ସେ ଆମକୁ ଭକ୍ତମାନଙ୍କୁ ହସିକି ଦେଖୁଛନ୍ତି । ଅଭୟ ମୁଦ୍ରାରେ ଆଶ୍ୱାସନା ବାଣ୍ଟୁଛନ୍ତି । ଲକ୍ଷ୍ୟ କରିବେ ସାରା ଜଗତର ସାଇଁ ଜଗନ୍ନାଥ ଜଣେ ହିଁ ଦେବତା ଯିଏ ସର୍ବଦା ହସିକି ଦେଖନ୍ତୁ । ସେ ହସ ଆଶୀର୍ବାଦର, ସନ୍ତୋଷର । ସେ ମଧ୍ୟ ଆଶା କରନ୍ତି ଏ ସମଗ୍ର ବିଶ୍ୱ ହସମୟ ହସ ସାଗର ହୋଇଯାଉ ଏବଂ ସାରା ମର୍ତ୍ତ୍ୟମଣ୍ଡଳ ସ୍ନେହ ପ୍ରୀତିର ବୈକୁଣ୍ଠପୁର ପାଲଟି ଯାଏ । ବାକି ଯାହା ଆମର ପ୍ରତ୍ୟୁତ୍ତର...

*ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

---

## ସ୍ୱାସ୍ଥ୍ୟ ପାଇଁ ଶାକାହାର ଖାଦ୍ୟ

■ ପ୍ରଫେସର ଡା. ମଞ୍ଜୁଶ୍ରୀ ନାୟକ ■

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ । ଏହି ଖାଦ୍ୟେ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପି କାହିଁକି? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଞ୍ଜିବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ଧୈର୍ଯ୍ୟ–ସାମ୍ୟ–କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । କଥା ପ୍ରସଙ୍ଗରେ ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ– ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ । ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ । ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ । ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ । ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ । ଯେଉଁ ପ୍ରାଣୀ ନିମି ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ । ଉଦାହରଣ ସ୍ୱରୂପ– ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି । କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି– ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ । ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି । ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି– ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି? ଏହା ଉତ୍ତରରେ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ–ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ–ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ଼ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି । ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି । ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ । ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି । ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ । ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଅନୁକୂଳଚନ୍ଦ୍ର କହିଲେ – ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ ।

**ବିଶ୍ୱ ଶାକାହାରୀ ଦିବସ**

ପ୍ରତିବର୍ଷ ନଭେମ୍ବର ପହିଲାକୁ ବିଶ୍ୱ ଶାକାହାରୀ ଦିବସ ଭାବେ ପାଳନ କରାଯାଉଛି । ୧୯୯୪ରୁ ୟୁନାଇଟେଡ କିଂଡମ୍‌ର ଦ ଭେଗାନ ସୋସାଇଟି ଆନୁକୂଲ୍ୟରେ ଏହା ପାଳିତ ହେଉଛି । ୧୯୪୪ ନଭେମ୍ବରରେ ଏହି ସଂସ୍ଥା ଗଢ଼ା ଯାଇଥିଲା। ଶାକାହାରର ଉପକାରିତା ବାବଦରେ ଜନସଚେତନତା ସୃଷ୍ଟି ଏହିଦିବସ ପାଳନର ଲକ୍ଷ୍ୟ । ଏହାର ଉପକାରିତା ଅନେକ । ଶାକାହାରୀ ମଣିଷ ରୋଗ ଭୋଗିବାର ଆଶଙ୍କା ଅପେକ୍ଷାକୃତ କମ । ଏହା ପରିବେଶ ଅନୁକୂଳ। ଅନେକ ଜାଣି ନଥାଇପାରନ୍ତି, ଅଧିକ ମାଂସାହାର ଯୋଗୁଁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛନ୍ତି । ବିଶ୍ୱରେ ଶାକାହାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ସର୍ବାଧିକ ଅଛନ୍ତି ଭାରତରେ । ଭାରତ କେଉଁ ପ୍ରାଚୀନ କାଳରୁ ଶାକାହାରୀଙ୍କ ଦେଶ। ଇଂଲଣ୍ଡର ଦ ଭେଗାନ୍ ସୋସାଇଟିର ଅଧ୍ୟକ୍ଷ ଓ ଚେୟାରମ୍ୟାନ ଲୁଇସ୍ ୱାଲିସ୍‌ଙ୍କ ଦ୍ୱାରା ୧୯୯୪ରେ ଏହି ଦିବସ ପ୍ରଥମେ ଆରମ୍ଭ ହୋଇଥିଲା। ୨୦୧୪ରେ ଭଗାନ୍ (ଶାକାହାରୀ), ଭେଗାନିଜମ୍ ର ୭୦ତମ ବାର୍ଷିକୀ ଏବଂ ଭେଗାନ୍ ସୋସାଇଟିର ପ୍ରତିଷ୍ଠାକୁ ମନେପକାଇବା ପାଇଁ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଏ ।

*ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା*
*ମୋ. : ୯୪୩୭୦୫୧୯୫୭*

---

## ମୋହନ ବଂଶୀରେ 'ମୋନ୍ଥା' ଘୋଡ଼ାଇ ହେଲା 'କନ୍ଥା'

■ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ■

'ମୋନ୍ଥା' ମହାବାତ୍ୟା ଖୁବ୍ ଜୋର୍‌ରେ ହେବ ବୋଲି ଓଡ଼ିଶାର ଜନସାଧାରଣ ଏକପ୍ରକାର ଭୟଭୀତ ହୋଇପଡ଼ିଥିଲେ। ଓଡ଼ିଶାରେ ଅତୀତରେ ଘଟିଥିବା ସୁପର ସାଇକ୍ଲୋନ୍‌କୁ ୨୬ ବର୍ଷ ହୋଇଥିଲା। ଶହ ଶହ ଲୋକ ପ୍ରାଣ ହରାଇଥିଲେ। ସେଦିନ କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ। 'ମୋନ୍ଥା'ର ଭୟାବହତା ସମ୍ପର୍କରେ ଯେଉଁ ଭୟାବହ ଚିତ୍ର ଦିଆଯାଉଥିଲା ଓ ଓଡ଼ିଶାର ଆଠଟି ଜିଲ୍ଲାର ଅଭୂତପୂର୍ବ କ୍ଷତି କରିଥାନ୍ତା ବୋଲି ରାଜ୍ୟ ସରକାର ବିଶେଷ ଭାବରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ଏହାର ପ୍ରତିକାର ପାଇଁ ସରକାରୀ କଳକୁ ପୂର୍ଣ୍ଣ ନିୟୋଜିତ କରିଥିଲେ। ଓଡ଼ିଶାର ସୌଭାଗ୍ୟ ଯେ ଶ୍ରୀଜଗନ୍ନାଥଙ୍କ କୃପାରୁ ସତେ ଯେପରି ବଜ୍ରବାଣ ତାଳଫୋଟକାରେ ପରିଣତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସ୍ୱୟଂ ବିଭିନ୍ନ ବିଭାଗକୁ ତାଗିଦ କରିବା ସଙ୍ଗେ ସଙ୍ଗେ ଶାସନକଳକୁ ପୂର୍ଣ୍ଣ ଭାବରେ ନିୟୋଜିତ କରିଥିଲେ ଏବଂ ସ୍ୱୟଂ ତନାଘନା କରୁଥିଲେ। ଏହା ପୂର୍ବରୁ ଓଡ଼ିଶାର ଅନେକ ଦୂରବସ୍ଥାକୁ ଦୂରେଇ ପାରିଛନ୍ତି। 'ବିଶେଷ ଭାବରେ କୌଣସି ଦୁର୍ବିପାକରେ କେହି ମରିବେ ନାହିଁ'। ଏହି ଦୁର୍ବାର ମନୋବଳ ସରକାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଧାର୍ମିକ ଭାବ ଓ କର୍ମପ୍ରବଳତା ବାସ୍ତବିକ୍ ରାଜ୍ୟବାସୀଙ୍କୁ ସାହସ ଓ ବଳ ଦେଇପାରିଛି। ଭାଗ୍ୟକୁ 'ମୋନ୍ଥା'ର ଗତିପଥ ଆକସ୍ମିକ ଭାବେ ବଦଳି ଗଲା। ଏହାକୁ ମହାକାଳର ଚମତ୍କାରିତା ବୋଲି କହିବାକୁ ହେବ।

ଉଲ୍ଲେଖନୀୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ବାବୁଙ୍କ ଧର୍ମଭାବନା, କର୍ମପ୍ରେରଣା ଓ ନୈତିକ ସାହସ ଓଡ଼ିଶାବାସୀଙ୍କୁ ହିମ୍ମତ ଦେଇଛି ଓ ସେ ଜନସାଧାରଣଙ୍କ ହିମ୍ମତ ବଢ଼ାଇପାରିଛି। ପୂର୍ବ ସରକାର ଅମଳରେ ଏହିଭଳି ଘଟଣା ମଧ୍ୟ ଘଟିଛି ଓ ଶାସନ କଳ କାର୍ଯ୍ୟ କରୁଛି। କହିବାକୁ ଦୁଃଖ ଲାଗୁଛି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଭଳି ଭାବେ ପ୍ରତ୍ୟକ୍ଷ ଅନୁଧ୍ୟାନ ପ୍ରଶାସନକୁ ନିର୍ଦ୍ଦିଷ୍ଟ ଭାବରେ ଚଳାଇବା ଦେଖାଯାଇ ନଥିଲା ବୋଲି କହିବାକୁ ହେବ। ତାଙ୍କର ବିଶ୍ୱସ୍ତ ପାଖ ଅଫିସର ଏଭଳି କାମ କରୁଥିଲେ ଓ ମୁଖ୍ୟମନ୍ତ୍ରୀ ନିଜର ପ୍ରଜା ଭବି ପ୍ରାଣାନ୍ତକ ଉଦ୍ୟମ କରିବା ଦେଖାଯାଇନଥିଲା। ମୋହନ ସରକାର ଏ ମହାବାତ୍ୟା କଥା ଘୋଷଣା ହେବା ପରେ ପରେ ରକ୍ଷା କରିବା ପାଇଁ କଠୋର ପରିଶ୍ରମ କରିବା ଦେଖାଗଲା। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଘୋଷଣା ସ୍ୱତନ୍ତ୍ର ଥିଲା। ଆମ ରାଜ୍ୟର କେହି ଜଣେ ମୃତ୍ୟୁବରଣ କରିବେ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଶାସନକୁ ବେଗଗାମୀ କରିଥିଲେ। ପ୍ରଥମେ ପ୍ରଥମେ ନୂଆ ମୁଖ୍ୟମନ୍ତ୍ରୀ ଅତି ଆପଣାର ହୋଇଥିଲେ। ତାଙ୍କର ସାହସ ଓ କର୍ତ୍ତବ୍ୟ ପରାୟଣ ପାଇଁ। ତାଙ୍କର ୧୫ ମାସ ଶାସନ ଭିତରେ ସେ କଠୋର ପରିଶ୍ରମ କରିବା ସଙ୍ଗେସଙ୍ଗେ ଲୋକପ୍ରିୟତା ଏବଂ ସେମାନଙ୍କର ବିଶ୍ୱାସଭାଜନ ମଧ୍ୟ ହୋଇପାରିଛନ୍ତି। 'ମନୁସ୍ମୃତି' ଗ୍ରନ୍ଥରେ ରାଜଧର୍ମ ସଂପର୍କରେ କୁହାଯାଇଛି ଯେ ଯେଉଁ ଶାସକ ବା ରାଜା ସତ୍ୟ, ଧର୍ମ, ସଦାଚାର ଓ ନ୍ୟାୟ ରକ୍ଷା କରି ଶାସନ ଚଳାନ୍ତି ସେହି ଶାସକ ବା ରାଜା ବରଣୀୟ ହୁଅନ୍ତି। ଚାଣକ୍ୟଙ୍କ ଭାଷାରେ ରାଜା ବା ଶାସକ ନୀତିବାନ୍, ଧୃତିବାନ୍, କର୍ମଠ, ନ୍ୟାୟବାନ୍, ସତ୍ୟବାଦୀ ସାଙ୍ଗକୁ ପ୍ରଜାବତ୍ସଳ ହୋଇ ସେ ରାଜ୍ୟ ବିକଶିତ ହୋଇଉଠେ। ପ୍ରଶାସନକୁ ସେହି ରାଜା ବା ଶାସକ ଲୋକକଲ୍ୟାଣ ପାଇଁ ସାମର୍ଥ୍ୟ ପାଇଥାନ୍ତି। 'ମନୁସ୍ମୃତି' ମତରେ ଦୁର୍ବଳ ରାଜା ବା ଶାସକ କତିପୟ ପାଖ ଲୋକଙ୍କୁ ନଜର ରଖି ଯୋଗ୍ୟ ବା ବୁଦ୍ଧିମାନ୍ ବ୍ୟକ୍ତିଙ୍କୁ ଦୂରେ ରଖିବା ଫଳରେ ରାଜ୍ୟ ଦୂଷିତ ଓ ଶାସନ କଳୁଷିତ ହୋଇଯାଏ। ଛାଡ଼ନ୍ତୁ ଚାଣକ୍ୟ, ମନୁ ଓ ବେଦଙ୍କ ଶାସ୍ତ୍ରରେ ବହୁ ଉଜ୍ଜ୍ୱଳ ଉଦାହରଣ ଦେଖିବାକୁ ମିଳେ। ଆମ ମତରେ ମୋହନ ସରକାର ଯେଉଁଭଳି ଭାବେ ନିଷ୍ପାପର କାର୍ଯ୍ୟ ଧର୍ମ ଆରମ୍ଭ କରିଛନ୍ତି ସେଥିପ୍ରତି ଜନତାର ବିଶ୍ୱାସ ଓ ଶ୍ରଦ୍ଧା ବଢ଼ିଚାଲିଥିବା ଦେଖାଯାଏ। ବ୍ୟକ୍ତିଗତ ଭାବରେ ଦେଖିଲେ ମୋହନ ମାଝୀ ଜଣେ ଶିକ୍ଷକ, ଧର୍ମପରାୟଣ ଓ ନୀତି ଧର୍ମର ବିଶ୍ୱାସୀ, ଦେବ ପ୍ରାର୍ଥନା ଓ ପୂଜ୍ୟ ଦେବଦେବୀଙ୍କ ପାଦତଳେ ନୀତିନିୟମରେ ପୂଜା କରିବା, ସାଷ୍ଟାଙ୍ଗ ପ୍ରଣାମ କରି ପ୍ରଜାଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିବା ପୂର୍ବକାଳର ରାଜଧର୍ମକୁ ମନେପକାଇଦିଏ।

କହିବାକୁ ହେବ ଯେ, ଜଣେ ଜନଶାସକ ଯଦି ନିଜକୁ ସେବକ ମନେକରେ ସେହି ସେବାକୁ ଜନସାଧାରଣ ହୃଦୟରେ ସ୍ଥାନ ଦେବେ ଭୁଲିବେ ନାହିଁ। ବ୍ୟକ୍ତିଗତ ଭାବରେ ତାଙ୍କର ନମ୍ରତା, କମ୍ରତା, ଶିଷ୍ଟତା, ସାଧୁତା ଏବଂ ଲୋକପ୍ରିୟତା ଲକ୍ଷଣୀୟ ହୋଇପାରିଛି। ପୂର୍ବ ସରକାରର ପ୍ରଶାସନିକ ବ୍ୟବସ୍ଥା ପ୍ରାୟତଃ 'ଏକାଙ୍ଗୀ' ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ସ୍ପଷ୍ଟ ଭାବରେ କୁହାଯାଇପାରେ ମୋହନ ବାବୁଙ୍କ ଧୀରତା, ସ୍ଥିରତା, ନମ୍ରତା ସାଙ୍ଗକୁ ଶାସନ କ୍ଷେତ୍ରରେ ଦୁର୍ନୀତି, ଭ୍ରଷ୍ଟାଚାର, ଅସଦାଚରଣ ବିରୋଧରେ ନିର୍ଭୟରେ ଦୃଢ଼ ପଦକ୍ଷେପ ନେଉଥିବା ଦେଖାଯାଏ। ସାମାଜିକ କ୍ଷେତ୍ରରେ ଏପ୍ରକାର ପଦକ୍ଷେପ ନେଇ ସେ ଅସାଧୁଙ୍କ ହୃଦୟରେ ଆତଙ୍କ ଓ ଭୟ ଜନ୍ମାଇଛନ୍ତି। ଏ ସଂପର୍କରେ ପରେ ଉଲ୍ଲେଖ କରାଯିବ। ସାଂପ୍ରତିକ କ୍ଷେତ୍ରରେ 'ମୋନ୍ଥା' ବାତ୍ୟା ଓଡ଼ିଶାରେ ମୋହନଙ୍କ ଶାସନ ବଂଶୀବାଦରେ କନ୍ଥା ଘୋଡ଼ାଇ ଅଦଶ୍ୟ ହୋଇଗଲା। ସରକାରଙ୍କ ବଇଁଶୀ ଭ୍ରଷ୍ଟାଚାର ଦୁର୍ନୀତି ମଇଁଷିକୁ ସାବାଡ଼ କରିଦେବ ବୋଲି ଆମର ଦୃଢ଼ ବିଶ୍ୱାସ ।

*ପ୍ରଜ୍ଞାନ ବାଚସ୍ପତି*
*ସମ୍ପାଦକ, 'ନିତ୍ୟ ନୂତନ'*
*ଭୁବନେଶ୍ୱର*

---

## ରାଧା-ଭଗବତପ୍ରାପ୍ତିର ଶ୍ରେଷ୍ଠ ମାଧ୍ୟମ

**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

ରାଧା ମାଧୁର୍ଯ୍ୟରେ ଭରା ନାମ । ସମର୍ପଣର ପ୍ରତୀକ ଏଇ ନାମ। ସମର୍ପଣ ପରାତ୍ପର କୃଷ୍ଣଙ୍କ ପ୍ରତି । ଯୁଗେ ଯୁଗେ ଶାଶ୍ୱତ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି ରାଧା ପ୍ରୀତିକୁ। ଯେଉଁ ପ୍ରୀତିରେ ପାଇବାର ଲେଶମାତ୍ର ଆଶା ନଥାଏ ବରଂ ପ୍ରେମାସ୍ପଦକୁ କେବଳ ଦେବାର ଆନନ୍ଦରେ ଅଧୀରତା ଥାଏ । ଏହାକୁ ମଧ୍ୟ ଆଧ୍ୟାତ୍ମିକ ସାଧନାର ଚରମ ଅବସ୍ଥା ବୋଲି ସାଧୁସନ୍ଥମାନେ ଦର୍ଶାଇଛନ୍ତି, ସେମାନଙ୍କ ରଚିତ ବିଭିନ୍ନ ଶାସ୍ତ୍ର ପୁରାଣ ଧର୍ମଗ୍ରନ୍ଥରେ । ରାଧା ପ୍ରେମ ଏପରି ଶାଶ୍ୱତ ନିଃସ୍ୱାର୍ଥପର ଯେ ସେଠାରେ ପ୍ରେମାସ୍ପଦକୁ ପାଇବାର ଆଶା ମଧ୍ୟ ବିଲୀନ ହୋଇଯାଇଛି । କେବଳ ଶୁଦ୍ଧ ପ୍ରେମ । ଦେହ, ପ୍ରାଣ, ମନ, ହୃଦୟ ଏବଂ ଆତ୍ମା ପ୍ରତିଟି ସ୍ତରରେ କେବଳ ପରିପୂର୍ଣ୍ଣ ସମର୍ପଣର ଭାବ । ଏହି ପରମ ଅବସ୍ଥାଟିରେ ଭକ୍ତ ଭଗବାନ ମଧ୍ୟରେ କିଛି ପାର୍ଥକ୍ୟ ରହେ ନାହିଁ ବୋଲି କୁହାଯାଇଛି । ଏଯୁଗର ଅନ୍ୟତମ ଶ୍ରେଷ୍ଠ ମହାପୁରୁଷ ଅଚ୍ୟୁତାନନ୍ଦ ବେଦାନ୍ତସାର ଗୁପ୍ତଗୀତାରେ ଉଲ୍ଲେଖ କରିଛନ୍ତି– ପ୍ରକୃତି ପୁରୁଷ ଅଭିନ୍ନ । ଶ୍ରୀରାଧାକୃଷ୍ଣ ବେନି ଜନ କରନ୍ତି ନିତ୍ୟ ମହାରାସ । ସେ ବେନି ପ୍ରକୃତିପୁରୁଷ। ପୁଣି କୁହାଯାଇଛି ଯେ, ରାଧା ହେଉଛନ୍ତି ପରମ ପ୍ରେମମୟ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆହ୍ଲାଦିନୀ ଶକ୍ତି। ସେଇ ଶକ୍ତିର ସଂସ୍ପର୍ଶରେ ଆସି କୃଷ୍ଣ ଧରୁଥିବା ଖଣ୍ଡେ ବାଉଁଶରୁ ଝରି ପଡୁଥିଲା ଦିବ୍ୟବଂଶୀର ମଧୁର ମୂର୍ଚ୍ଛନା । ଯେଉଁ ମୂର୍ଚ୍ଛନାରେ କେବଳ ଗୋପୀ ନୁହନ୍ତି, ସମଗ୍ର ଗୋପପୁରବାସୀ ଆନନ୍ଦରେ ଅଧୀର ହୋଇଯାଉଥିଲେ। କେବଳ ମଣିଷ ନୁହନ୍ତି, ବୃକ୍ଷଲତା, ଗୋରୁଗାଈ ଅନ୍ୟାନ୍ୟ ଜୀବଜନ୍ତୁ ସମସ୍ତେ ହତଚକିତ ହୋଇ ଉଲ୍ଲସିତ ହେଉଥିବା ଶ୍ରୀକୃଷ୍ଣଙ୍କ ମଧୁର ବଂଶୀସ୍ୱନ ଶୁଣି । କୃଷ୍ଣ ଗୋପପୁର ଛାଡ଼ି ମଥୁରା ଗମନ କରିବା ସମୟରେ ତାଙ୍କର ବଂଶୀଟିକୁ ପ୍ରେମମୟୀ ରାଧାଙ୍କୁ ଅର୍ପଣ କରିଦେଇ ଯାଇଥିଲେ। ବୈଷ୍ଣବମାନେ ବିଶ୍ୱାସ କରନ୍ତି ଯେ, ପରମାତ୍ମାଙ୍କ ସହ ମିଳନ ଲାଗି ନିଜକୁ ରାଧା ହେବାକୁ ପଡ଼ିବ। ଅର୍ଥାତ୍ ରାଧାଭାବରେ ପ୍ଲାବିତ ହେବାକୁ ପଡ଼ିବ। ପୁଣି କୃଷ୍ଣ ପ୍ରାପ୍ତି ଲାଗି ସେଇ ରାଧାଙ୍କୁ ଭଜିବାକୁ ପଡ଼ିବ। ରାଧା, ଯାହାଙ୍କୁ ସକଳ ଶକ୍ତିର ଆଧାର ଭାବେ ମଧ୍ୟ କେତେକ ପୁରାଣରେ ବର୍ଣ୍ଣିତ କରାଯାଇଛି, ତାଙ୍କ କୃପା ବିନା କୃଷ୍ଣପ୍ରାପ୍ତି ଅସମ୍ଭବ। ଏଣୁ ପ୍ରଥମେ ଆସେ ରାଧାଙ୍କ ନାମ ତା'ପରେ କୃଷ୍ଣ। କୃଷ୍ଣଭକ୍ତଙ୍କ ପାଇଁ ଭଗବତ୍ ପ୍ରାପ୍ତି ମହାମନ୍ତ୍ର ହେଉଛି ରାଧେ... ରାଧେ...।

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧ ନଭେମ୍ବର ୨୦୨୫ ଶନିବାର ପୃଷ୍ଠା ୫



ଧର୍ମ ସଂସ୍କୃତିର ଏକ ପୂର୍ଣ୍ୟଭୂମି ଓଡ଼ିଶାର ସୁନାମ ବହୁ ପ୍ରାଚୀନ କାଳରୁ ଇତିହାସରେ ରହିଆସିଛି । ବିଭିନ୍ନ ଧର୍ମପ୍ରବାହକୁ ପରିପୁଷ୍ଟ କରିବାର ଅନ୍ୟନ୍ୟ ଗୌରବ ଓଡ଼ିଶା ଅର୍ଜନ କରିଛି । ମହିମା ଧର୍ମ ପରି ଏକ ମାନବ ଧର୍ମ ଦିନେ ଓଡ଼ିଶାରେ ପ୍ରକାଶ ଓ ବିକାଶ ଲାଭ କରିଥିଲା । ବିଶ୍ୱଗୁରୁ ମହିମା ସ୍ୱାମୀ ଏହି ସତ୍ୟ ସନାତନ ମହିମା ଧର୍ମର ସ୍ଥାପୟିତା ଓ ଆଦି ପ୍ରଚାରକ ।

# ମହିମା ଧର୍ମର ଉନ୍ମେଷ ସ୍ଥଳ ତପୋବନ

**ବି**ଶ୍ୱର କନିଷ୍ଠତମ ମହିମା ଅଲେଖ ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀ ଅଯୋନୀ ସମ୍ଭୁତ । ସେ ପ୍ରଥମେ ହିମାଳୟର ପାଦଦେଶରେ ଆର୍ବିଭୂତ ହୋଇଥିଲେ । ଗୁପ୍ତ ପ୍ରବୁଦ୍ଧ ସ୍ୱାମୀ ଭାବେ ହିମାଳୟର ଗିରି ଶିଖରରେ ବାୟୁପାନ ପୂର୍ବକ ଦୀର୍ଘ ବର୍ଷ ଆତ୍ମଯୋଗ ସାଧନା କରିଥିଲେ । ପଦବ୍ରଜରେ ବିଭିନ୍ନ ରାଜ୍ୟ ଭ୍ରମଣ କରି ୧୮୨୬ ଖ୍ରୀଷ୍ଟାବ୍ଦରେ ମହିମା ପ୍ରଭୁ ପୂର୍ଣ୍ୟଭୂମି ଓଡ଼ିଶାର ପୁରୀ ଶ୍ରୀକ୍ଷେତ୍ର ଠାରେ ଆତ୍ମପ୍ରକାଶ କରି ଲୋକଲୋଚନକୁ ଆସିଥିଲେ । ବଡଦାଣ୍ଡ ଧୂଳିରେ ଶୟନ ଓ ଉପବେଶନ କରି ଧୂଳିଆ ବାବା ଭାବରେ ପରିଚିତ ହୋଇଥିଲେ । ପୁରୀ ଅର୍କ ଗୁମ୍ଫାରେ ସେ ଅବସ୍ଥାନ କରୁଥିଲେ । ଏକଦା ନିମନ୍ତ୍ରିତ ହୋଇ ମୁକ୍ତି ମଣ୍ଡପ ପଣ୍ଡିତ ସଭାରେ ମହିମା ସ୍ୱାମୀ ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋଚନା କରିଥିଲେ । ବେଦ, ବେଦାନ୍ତ, ଉପନିଷଦର ଗୁଢ ତର୍ତ୍ତ୍ୱ ପରିବେଷଣ କରିଥିଲେ ।

ନୈସ୍ୱର୍ଗିକ ପ୍ରାକୃତିକ ସମ୍ଭାର ବିମଣ୍ଡିତ କପିଳାସ ଗିରି କନ୍ଦରର ଦକ୍ଷିଣ ପାର୍ଶ୍ୱରେ ୧୮୩୮ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀ ପଦାର୍ପଣ କରିଥିଲେ । ଏଠାରେ ସେ କୌପିନୀ ତ୍ୟାଗ କରି କୁମ୍ଭୀ ବଳ୍କଳକୁ ଭେକବାନା ଭାବରେ ଗ୍ରହଣ କରିଥିଲେ । ଗୋଟିଏ ଚକ୍ରାକାର ପ୍ରସ୍ତର ବେଦୀ ଉପରେ ଜରି ବୃକ୍ଷ ତଳେ ଆସୀନ ହୋଇ ପଦ୍ମାସନରେ ମହିମା ସ୍ୱାମୀ ଏକୋଇଶି ଦିନ ପର୍ଯ୍ୟନ୍ତ ଆତ୍ମଯୋଗ ସମାଧିରେ ମହିମା ସ୍ୱାମୀ ନିମଗ୍ନ ରହିଥିଲେ । ତପ ସାଧନା ସମୟରେ ମହିମାସ୍ୱାମୀଙ୍କ ମସ୍ତକ ଉପରେ ଏକ ସପ୍ତ ଫେଣୀ ନାଗ ଢାଙ୍କି ରହିଥିଲା । ୧୮୩୮ ଖ୍ରୀଷ୍ଟାବ୍ଦରୁ ୧୮୬୨ ଖ୍ରୀଷ୍ଟାବ୍ଦରେ ପର୍ଯ୍ୟନ୍ତ ଦୀର୍ଘ ୨୪ ବର୍ଷ ମହିମା ସ୍ୱାମୀ ଏହି ଗିରିକନ୍ଦରରେ ତପ ସାଧନ କରିଥିଲେ । ତପ ସାଧନର ପ୍ରଥମ ୧୨ ବର୍ଷ ଫଳମୂଳ ଭକ୍ଷଣ ଓ ଅବଶିଷ୍ଟ ୧୨ ବର୍ଷ ଦୁଗ୍ଧ ପାନ କରି ସାଧନରତ ଥିଲେ । ଚବିଶି ବର୍ଷ ପରେ ମହିମା ସ୍ୱାମୀ ଆତ୍ମସିଦ୍ଧି ପୂର୍ବକ ଦିବ୍ୟ ଦର୍ଶନ ଲାଭ କରିଥିଲେ । ପୁରୀ ଅର୍କ ଗୁମ୍ଫା ଓ ଭୁବନେଶ୍ୱରରେ ୧୨ ବର୍ଷ ଜଳାହାର, କପିଳାସରେ ୧୨ ବର୍ଷ ଫଳାହାର ଓ ୧୨ ବର୍ଷ କ୍ଷୀରାହାର କରି ଏହି ଛତିଶି ବର୍ଷ କଟାଇଥିଲେ । ମହିମା ସ୍ୱାମୀ ୧୨ ବର୍ଷ ଜଳାହାର କରିଥିବାରୁ ତାଙ୍କୁ ଜଳାହାର ଗୋସେଇଁ, ୧୨ ବର୍ଷ ଫଳାହାର କରିଥିବାରୁ ଫଳାହାରୀ ଗୋସେଇଁ ଓ ୧୨ ବର୍ଷ କ୍ଷୀରାହାର କରିଥିବାରୁ ତାଙ୍କୁ କ୍ଷୀରାହାରି ଗୋସେଇଁ ଭାବରେ ସମ୍ବୋଧନ କରାଯାଉଥିଲା । ମହିମା ସ୍ୱାମୀ କପିଳାସ ପର୍ବତରେ ଫଳମୂଳ ଆହାର, ଗୋଦୁଗ୍ଧ ପାନ ପୂର୍ବକ ୨୪ ବର୍ଷ ତପ ସାଧନା କରିବା ପରେ ପ୍ରାପ୍ତ ମୋକ୍ଷ ମନ୍ତ୍ରକୁ ବ୍ୟାପ୍ତ କରିବାପାଇଁ ଇଚ୍ଛା ପ୍ରକଟ କରିଥିଲେ । ଢେଙ୍କାନାଳ ଜିଲ୍ଲା କାଶୀପୁର ଗ୍ରାମନିବାସୀ ଗଙ୍ଗାଧର ସାହୁ ଓ ଧରିତ୍ରୀ ଦେବୀଙ୍କ ଠାରୁ ଅନ୍ନ ଭିକ୍ଷା ପାଇଁ ତାଙ୍କ ଗୋଶାଳାରେ ବିଜେ କରିଥିଲେ । ସାହୁ ପରିବାର ସସ୍ତ୍ରୀକ ମହିମା ଧର୍ମରେ ଦୀକ୍ଷିତ ହୋଇ ପବିତ୍ର ପାତ୍ରରେ ଭିକ୍ଷା ଅନ୍ନ ପ୍ରସ୍ତୁତ କରି ମହିମା ସ୍ୱାମୀଙ୍କୁ ଅର୍ପଣ କରିଥିଲେ । କପିଳାସର ଅନତି ଦୂରରେ ଥିବା ଯୋରନ୍ଦା ଗ୍ରାମରେ ଟୁଙ୍ଗୀ ସ୍ଥାପନା କରି ସତ୍ୟ ମହିମା ଧର୍ମର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ ।

କପିଳାସ ପାଦଦେଶରେ ଦେଓଗାଁ ନିବାସୀ ସଦାନନ୍ଦ ଶବର କପିଳାସ ପର୍ବତରେ ବନ ବିଚରଣ ସମୟରେ ତପମଗ୍ନ ମହିମା ସ୍ୱାମୀଙ୍କର ଅଲୌକିକ ସ୍ୱରୂପ ଦର୍ଶନ କରି ସ୍ତମ୍ଭୀଭୂତ ହୋଇଥିଲେ । ଜଣେ ତପସ୍ୱୀଙ୍କ ଶିର ଉପରେ ସପ୍ତଫେଣୀ ଯୁକ୍ତ ଅନନ୍ତ ନାଗ ଢାଙ୍କି ଥିବାର ଦୃଶ୍ୟ ଦର୍ଶନ କରି ସଦାନନ୍ଦ ଚମତ୍କୃତ ହୋଇଥିଲେ । ସଦାନନ୍ଦର ଏକାଗ୍ରତା ଓ ଭକ୍ତିରେ ପ୍ରସନ୍ନ ହୋଇ ମହିମା ସ୍ୱାମୀ ତାକୁ ନିଜର ପରିଚୟ ଦେଇଥିଲେ । ସଦାନନ୍ଦକୁ ଆର୍ଶୀବାଦ ପ୍ରଦାନ ପୂର୍ବକ ପ୍ରଥମ ଗୃହୀ ଭକ୍ତ ଭାବରେ ଗ୍ରହଣ କରିଥିଲେ । ଦୀର୍ଘ ୧୨ ବର୍ଷ କାଳ ଜଙ୍ଗଲରୁ ଫଳମୂଳ ଓ ଧ୍ୱନି ପାଇଁ କାଠ ସଂଗ୍ରହ କରି ସଦାନନ୍ଦ ମହିମା ସ୍ୱାମୀଙ୍କୁ ସହଯୋଗ କରିଥିଲେ ।

ମହିମା ସ୍ୱାମୀ କପିଳାସ ପର୍ବତରେ ଆତ୍ମ ଯୋଗ ସମାଧିରେ ଥିବା ବେଳେ ସାଧୁ ଜଗନ୍ନାଥ ଦାସଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ମହିମା ସ୍ୱାମୀଙ୍କ ନିଷ୍କପଟ ଜୀବନ ଶୈଳୀ ଓ ସରଳ ବ୍ୟବହାର ଅଭିଭୂତ ହୋଇ ଜଗନ୍ନାଥ ଦାସ ମହିମା ସ୍ୱାମୀଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେଦିନ ଥିଲା କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ତିଥି । କୌଣସି ବ୍ୟକ୍ତି ମହିମା ଧର୍ମରେ ପ୍ରବେଶ କଲେ ତାଙ୍କର ମୂଳନାମ ପରିବର୍ତ୍ତନ କରାଯାଇ ଦାସ ଉପାଧୀ ସଂଯୁକ୍ତ କରାଯାଏ । ମହିମା ସ୍ୱାମୀ ଜଗନ୍ନାଥଙ୍କର ପରିବର୍ତ୍ତିତ ନାମ ଗୋବିନ୍ଦ ଦାସ ରଖିଥିଲେ । ଶିଷ୍ୟ ଗୋବିନ୍ଦ ଦାସ ମହିମା ସ୍ୱାମୀଙ୍କୁ ବଲ୍କଳ ପ୍ରଦାନ କରିଥିଲେ । ଗୋବିନ୍ଦ ଦାସ ଥିଲେ ମହିମା ସ୍ୱାମୀଙ୍କର ପ୍ରଥମ ଶିଷ୍ୟ ଏବଂ ପ୍ରଥମ ବ୍ରହ୍ମାବଧୂତ ପର ସନ୍ୟାସୀ । ଗୋବିନ୍ଦ ଦାସଙ୍କ ଠାରୁ ମହିମା ଧର୍ମର ଚଉଷଠି ସିଦ୍ଧ ପରମ ସନ୍ୟାସ ପନ୍ଥା ଶୁଭାରମ୍ଭ ହୋଇଥିଲା । ମହିମା ସ୍ୱାମୀଙ୍କ ପରିବାରରୁ ଦୀନବନ୍ଧୁଙ୍କ ପୋଷ୍ୟପୁତ୍ର କରି ଢେଙ୍କାନାଳର ରାଜା ରୂପେ ଅଭିଷିକ୍ତ କରିବାପାଇଁ । ମହିମା ସ୍ୱାମୀଙ୍କର ଉପଦେଶକୁ ପରବର୍ତ୍ତୀ କାଳରେ ରାଜା ପାଳନ କରିଥିଲେ ଓ ମହିମା ସ୍ୱାମୀଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ୧୮୫୦ ଖ୍ରୀଷ୍ଟାବ୍ଦରୁ ରାଜା ଭାଗିରଥି ଭ୍ରମରବର ମହିମା ସ୍ୱାମୀଙ୍କ ପାଇଁ ପ୍ରତି ବ୍ରାହ୍ମ ମୁହୂର୍ତ୍ତରେ ନୂତନ ମୃତ୍ତିକା ଭାଣ୍ଡରେ କ୍ଷୀର ପଠାଇବାର ବ୍ୟବସ୍ଥା କରିଥିଲେ । ଏପରିକି ଗୋଦହନ ଠାରୁ ମହିମା ସ୍ୱାମୀ କ୍ଷୀର ପାନ କରିବା ପର୍ଯ୍ୟନ୍ତ କୌଣସି ସ୍ଥାନରେ କ୍ଷୀର ଭାଣ୍ଡକୁ ତଳେ ରଖାଯାଉନଥିଲା । ୧୮୬୨ ଆଜ୍ଞାରେ ସିଦ୍ଧ ଗୋବିନ୍ଦ ଦାସ ବାବା ପଶ୍ଚିମାଭିମୁଖୀ ହୋଇ ମହିମା ଧର୍ମ ପ୍ରଚାର କରିବାକୁ ଯାଇଥିଲେ ।



ରାଜା ଭାଗିରଥି ଭ୍ରମରବର ମହିନ୍ଦ୍ର ବାହାଦୁର ୧୮୩୨ ଖ୍ରୀଷ୍ଟାବ୍ଦରୁ ୧୮୭୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଢେଙ୍କାନାଳ ଗଡର ଶାସନ ଭାର ଗ୍ରହଣ କରିଥାନ୍ତି । ସେ ପ୍ରଜା ବତ୍ସଳ ଓ ସଦ୍‌ଗୁଣର ଅଧିକାରୀ ଥିଲେ । ରାଜାଙ୍କର ସନ୍ତାନ ସନ୍ତତି ନଥିବାରୁ ତାଙ୍କ ଅନ୍ତେ ଢେଙ୍କାନାଳ ଗଡର ରାଜ ସିଂହାସନ କିଏ ଅଧିକାର କରିବ ସେଥିପାଇଁ ଚିନ୍ତିତ ଥିଲେ । ସେତେବେଳକୁ ମହିମା ଗୋସେଇଁ ୧୨ ବର୍ଷ କପିଳାସ ପର୍ବତରେ ଅତିବାହିତ କରିସାରିଥାନ୍ତି । ରାଜା ଓ ରାଣୀ ସ୍ୱପ୍ନାଦେଶ ପାଇ ସଦାନନ୍ଦ ଶବର ସହାୟତାରେ ମହିମା ସ୍ୱାମୀଙ୍କର ଶରଣାପନ୍ନ ହେଲେ । ଉତ୍ତରାଧିକାରୀ ପାଇଁ ରାଜା ମହିମା ସ୍ୱାମୀଙ୍କ ନିକଟରେ ଇଛା ପ୍ରକଟ କଲେ । କିନ୍ତୁ ଏ ଜନ୍ମରେ ରାଜାଙ୍କର କୌଣସି ସନ୍ତାନ ସନ୍ତତି ହେବ ନାହିଁ ବୋଲି ମହିମା ସ୍ୱାମୀଙ୍କ ଠାରୁ ନାସ୍ତି ବାଣୀ ଶୁଣିଲେ । ରାଜାଙ୍କର ଶୁଦ୍ଧାଚାରରେ ବିମୋହିତ ହୋଇ ମହିମା ସ୍ୱାମୀ ରାଜାଙ୍କୁ ପରାମର୍ଶ ଦେଇ କହିଥିଲେ ଯେ କେନ୍ଦୁଝର ରାଜ ଖ୍ରୀଷ୍ଟାବ୍ଦରୁ ମହିମାମୟ ମହାପ୍ରଭୁ ମହିମା ସ୍ୱାମୀ ଓଡ଼ିଶାରେ ସତ୍ୟ ସନାତନ ମହିମା ଧର୍ମର ପ୍ରଚାର କରି ୧୮୭୬ ଖ୍ରୀଷ୍ଟାବ୍ଦ ଫାଲଗୁନ୍ ମାସ ଶୁକ୍ଳ ଦଶମୀ ସୋମବାର ଅପରାହ୍ନ ୫ ଘଣ୍ଟା ୨୨ ମିନିଟ୍ ସମୟରେ ଯୋରନ୍ଦା ମହିମା ଟୁଙ୍ଗୀରେ ମହାନିତ୍ୟ ଖେଳ ସାରି ଚିରସମାଧି ଅବଲମ୍ବନ କଲେ । ରାଜା ମହିମା ଗାଦି ପୀଠ ଯୋରନ୍ଦା ଠାରେ ସମସ୍ତ ପ୍ରକାର ମନ୍ଦିର, ମଠ ନିର୍ମାଣ ଆରମ୍ଭ କରିଥିଲେ ।

ମହିମା ଧର୍ମର ଉନ୍ମେଶ ସ୍ଥଳ କପିଳାସର ଏହି ଗିରିକନ୍ଦର ଶତାଧିକ ବର୍ଷଧରି ଜନଦୃଷ୍ଟି ଆଢୁଆଳରେ ରହିଗଲା । ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ୍ କୀର୍ତ୍ତନପୁର ଗ୍ରାମର ନରୋତ୍ତମ ସିଂହଙ୍କ ପତ୍ନୀ ତପୋଭୂମୀ ସଂପର୍କରେ ସ୍ୱପ୍ନ ଦେଖିଥିଲେ । ସେ ଯୋରନ୍ଦା ଆସି ସାଧୁ ରଘୁନାଥ ବାବାଙ୍କୁ ଏ ସଂପର୍କରେ ସୂଚନା ଦେଇଥିଲେ । ରଘୁନାଥ ବାବା ପ୍ରାଚୀନ ଗ୍ରନ୍ଥ ଓ ଭୀମଭୋଇଙ୍କ ଗୀତା ଅନୁଧ୍ୟାନ କରି କେତେକ ସାଧୁ ଓ ଭକ୍ତଙ୍କୁ ସଙ୍ଗରେ ନେଇ ମହିମା ସ୍ୱାମୀଙ୍କ ତପୋଭୂମି ପୂର୍ଣ୍ୟ କପିଳାସ ପର୍ବତକୁ ଅନୁସନ୍ଧାନ କରି ସଫଳ ହୋଇଥିଲେ । ଏହି ବ୍ରହ୍ମମୟ କ୍ଷେତ୍ରକୁ ତପୋବନ ମହିମା ବିହାରନାମରେ ନାମିତ କରିଥିଲେ । ମହିମା ସ୍ୱାମୀ ତପସାଧନା କରିଥିବା ସେହି ଚକ୍ରାକାର ପସ୍ତର ଏବେ ବି ରହିଛି, ଯାହାକୁ କି ଚକା ପଥର ନାମରେ ନାମିତ କରାଯାଇଛି । କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ମହିମା ସ୍ୱାମୀ ଭକ୍ତ ଜଗନ୍ନାଥ ଦାସଙ୍କୁ ପ୍ରଥମ ଶିଷ୍ୟର ମାନ୍ୟତା ଦେଇଥିବାରୁ ଏହାର ଐତିହାସିକ ସ୍ମୃତିକୁ ଆଧାର କରି ୧୯୮୪ ଖ୍ରୀଷ୍ଟାବ୍ଦରୁ ଏଠାରେ ତପୋବନ ମେଳା ଅନୁଷ୍ଠିତ ହୋଇଆସୁଛି । ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ଭକ୍ତ ଓ ସାଧୁ ସନ୍ଥ ଏହିମେଳାରେ ଯୋଗ ଦେଇଥାନ୍ତି । ଏହି ଅବସରରେ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବ୍ରହ୍ମ ଧ୍ୱନି ସ୍ଥାପନ, ମହିମା ଭଜନ, ଧର୍ମସଭା ଅନୁଷ୍ଠିତ ହୁଏ । ଅହୋରାତ୍ର ଅଖଣ୍ଡ ଧ୍ୱନିରେ ଘୃତାହୁତି ପ୍ରଦାନ କରାଯାଏ । ଘୃତ, କର୍ପୁର, ଚନ୍ଦନ କାଷ୍ଠ, ଗୁଡ, ନଡିଆ, କଦଳୀ ଆଦି ଫଳ ଓ ସୁବାଶିତ ଦ୍ରବ୍ୟ ଭକ୍ତମାନେ ଧ୍ୱନିରେ ଅର୍ପଣ କରିଥାନ୍ତି । ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ଭୋଜନର ବ୍ୟବସ୍ଥା କରାଯାଏ । ବରେଣ୍ୟ ଅତିଥି ଓ ସାଧୁସନ୍ଥଙ୍କ ଗ୍ରହଣରେ ବାର୍ଷିକ ତପୋବନ ପତ୍ରିକା ଉନ୍ମୋଚିତ ହୁଏ । ପୀଠ ନିକଟସ୍ଥ କାଇମାଟି, ବେଲ୍‌ଟିକିରି ଓ ନାଗିଆପଶି ପଞ୍ଚାୟତବାସୀ ତପୋବନ ମେଳାକୁ ସଫଳ କରିବାରେ ବିଶେଷ ଭୂମିକା ନେଇଥାନ୍ତି । ମେଳା ଉପଲକ୍ଷେ କୌପିନିଧାରୀ ମହିମା ସମାଜ ମହାନିତ୍ୟ ସାଧୁ ଭକ୍ତ ମଣ୍ଡଳୀ ଓ ଏହି ତିନି ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ପୂର୍ବରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ । ପଞ୍ଚାୟତବାସୀଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟ ବଣ୍ଟାଯାଇଥାଏ । ପରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମେଳାର ସଫଳତା, ଗମନାଗମନ, ଶାନ୍ତି ଶୃଙ୍ଖଳା ପାଇଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୁଏ ।









# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା

**ବ**ର୍ଷର ବାର ମାସ ଭିତରୁ ଚାରିଟି ମାସ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ହେଉଛି ଅତି ପବିତ୍ର ଓ ଧର୍ମ ମାସ । କାର୍ତ୍ତିକ ହେଉଛି ଶ୍ରେଷ୍ଠ ଧର୍ମ ମାସ । ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । ବିଧବା ତଥା ସାଧବାମାନେ କାର୍ତ୍ତିକ ମାସରେ ହବିଷ୍ୟ ପାଳନ କରନ୍ତି । ହବିଷ୍ୟ ପାଳନ କରୁ ନଥିବା ମହିଳା-ପୁରୁଷ ନିର୍ବିଶେଷରେ ସମସ୍ତେ ଆମିଷ ଭୋଜନ ପରିତ୍ୟାଗ କରନ୍ତି । ହିନ୍ଦୁ ବ୍ରାହ୍ମଣ ଘରର ବିଧବାଙ୍କ ପାଇଁ ହବିଷ୍ୟ ପାଳନ ଏକ ବିଧି ଭାବେ ପ୍ରଚଳିତ । ପ୍ରତ୍ୟୁଷରୁ ସ୍ନାନ ଓ ଦେବଦର୍ଶନ ପରେ ଏକାଠି ହୋଇ ହବିଷ୍ୟାଳିମାନେ ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି ଏବଂ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣ କରନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ହବିଷ୍ୟ ପାଳନ କରନ୍ତି । ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜ୍ୱଳନ କାର୍ତ୍ତିକ ବ୍ରତର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ । ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥାଏ । କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ଭକ୍ତି ସହକାରେ ଆରାଧନା କରାଯାଏ । ଜଗନ୍ନାଥଙ୍କୁ ପ୍ରତିଦିନ ତୁଳସୀ ଲାଗି କରାଯାଏ । କିମ୍ବଦନ୍ତୀ ଅନୁସାରେ ରାକ୍ଷସ ଜଳନ୍ଧର ନିଜ ସତୀ, ସ୍ୱାଧୀ ପତ୍ନୀ ବୃନ୍ଦାବତୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା । ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ସେ ଅଜେୟ, ଅମର ରହିଥିଲା । କାର୍ତ୍ତିକ ମାସର ସୋମବାର ଦିନ ଶିବଙ୍କୁ ପୂଜା କରାଯାଏ ଏବଂ ସୋମବାର ବ୍ରତ ପାଳନ କରାଯାଏ । କାର୍ତ୍ତିକ ସୋମବାର ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କ ପୂଜାକଲେ ରୋଗ ଶୋକରୁ ମୁକ୍ତି ମିଳେ । ଏହି ମାସରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହେବାର ବିଶ୍ୱାସ ରହିଛି । ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ । ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ । କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ । ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ । ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ୍, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପଡ଼ିଥାଏ । ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି । କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ । ଧର୍ମଶାସ୍ତ୍ରରେ ସବୁଠାରୁ ପୂର୍ଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ । ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି । ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ । କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ । କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ ।

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂର୍କୀନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି । ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ । ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍‌ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୁତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗୀରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି ।

**ଅଲେଖ ଚନ୍ଦ୍ର ସାମଲ**
*ବାଲିଚନ୍ଦ୍ରପୁର, ଯାଜପୁର,*
*ମୋ. ୯୪୩୭୨୫୭୧୨୩*











ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧ ନଭେମ୍ବର ୨୦୨୫ । ଶନିବାର

# ବିଭିନ୍ନ ସ୍ଥାନରେ ରାଧା ପାଦ ଦର୍ଶନ

**ଶେରଗଡ:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ଅଁଳା ନବମୀରେ ଶେରଗଡ ବ୍ଲକ ସଦରରେ ଥିବା ରାଧାକୃଷ୍ଣ ମନ୍ଦିରରେ ରାଧା ପାଦ ଦର୍ଶନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ସକାଳୁ ଭଜନ, କୀର୍ତ୍ତନ ଆରମ୍ଭ କରାଯାଇ ରାଧାକୃଷ୍ଣଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରାତଃରୁ ମଙ୍ଗଳ ଆରତୀ କରାଯାଇ ଶ୍ରୀ ରାଧାଙ୍କୁ ଓଡିଆଣୀ ବେଶରେ ସଜ୍ଜିତ କରାଯାଇଥିଲା । ଏହାପରେ ସର୍ବସାଧାରଣଙ୍କ ନିମନ୍ତେ ରାଧା ପାଦ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ରାଧା ପାଦ ଦର୍ଶନ କରିଥିଲେ । ସେହିପରି ଶେରଗଡ ବ୍ଲକର ସମସ୍ତ ରାଧାକୃଷ୍ଣ ମନ୍ଦିରରେ ଅଁଳା ନବମୀ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ସେହିପରି ଶେରଗଡ ଅଞ୍ଚଳର ବିଭିନ୍ନ ମଠ ଓ ମନ୍ଦିରରେ ଅଁଳା ନବମୀ ଉତ୍ସବ ପାଳିତ ହୋଇଯାଇଛି ।

**ନିଆଳି:** ପବିତ୍ର ଅଁଳା ନବମୀ ତିଥିରେ ନିଆଳି ବ୍ଲକ ଅନ୍ତର୍ଗତ ନୂଆ ଗାଁ ପଞ୍ଚାୟତ ସ୍ଥିତ ଶ୍ରୀ ଚୈତନ୍ୟଙ୍କ ସ୍ମୃତି ବହନ କରୁଥିବା ରାଧାକାନ୍ତ ମଠରେ ରାଧା ପାଦ ଦର୍ଶନ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ମଠର ମହନ୍ତ ଦିବ୍ୟ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ମଠରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯିବ ସହ ଶୁକ୍ରବାର ଭୋର ୫ଟାରୁ ରାଧାପାଦ ଦର୍ଶନ ଆରମ୍ଭ ହୋଇଥିଲା । ଦିନ ତମାମ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିବା ବେଳେ ପ୍ରାୟ ସ୍ଥାନୀୟ ଅଞ୍ଚଳରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କମିଟିର



ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ଏହି ଉତ୍ସବକୁ ପରିଚାଳନା କରିଥିଲେ । ଯଂଙ୍କ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସେହିଭଳି ଉକ୍ତ ବ୍ଲକ ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ପଞ୍ଚାୟତ କେଶର ଜୀଉଙ୍କ ପୀଠରେ ଅଁଳା ନବମୀ ଧୁମ ଧାମରେ ଅନୁଷ୍ଠିତ ହେବା ସହ ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ଏହି ଅଷ୍ଟପ୍ରହରୀ କରାଯାଇଥିବା ବେଳେ କର୍ତ୍ତା ଭାବେ ବ୍ରଜ କିଶୋର ସାହୁ ଓ କର୍ତ୍ତୀ ଭାବେ ପ୍ରତିଭା ମଞ୍ଜରୀ ସାହୁ । ନିରଞ୍ଜନ ମହାପାତ୍ର, ଯୁଧିଷ୍ଠିର ସେଠି, ଦାମୋଦର ବିଶ୍ୱାଳ, ଲକ୍ଷ୍ମଣ ବସ୍ତିଆ, କମଳା କାନ୍ତ ପଣ୍ଡା, ନୃସିଂଘ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, କୈଳାଶ ଭୋଇ, ବିଦୁଭୁଷଣ ମହାପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

**ବୁଗୁଡ଼ା:** ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ଅଁଳା ନବମୀ ଉତ୍ସବ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିର ପରିସରସ୍ଥ ରଘୁନାଥ ମନ୍ଦିରରେ ପୁରୋହିତ ଉମାକାନ୍ତ



ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ପାଳନ ଅବସରରେ ଦେବାଦେବୀଙ୍କ ପହଡ ଅବକାଶ, ମଙ୍ଗଳ ଆଳତି, ଅଁଳା ମାଳାର୍ପଣ, ବାଲଭୋଗ, ରାଧା ପାଦ ଦର୍ଶନ ଆଦି କାର୍ଯ୍ୟକ୍ରମ ଯଥାବିଧି ପ୍ରକାରେ ଅନୁଷ୍ଠିତ ହୋଇଥିଲା ବେଳେ ଗୋପୀନାଥ ମନ୍ଦିର ଓ ବଳଦେବ ମନ୍ଦିରରେ ମଧ୍ୟ ଅନୁରୂପ ଭାବେ ପାଳନ କରାଯାଇଥିଲା । ସେହିପରି ବାଲିପଦର ଗ୍ରାମସ୍ଥିତ ରଘୁନାଥ ସ୍ୱାମୀ ମନ୍ଦିର, ବାଦୁଆର ରାଧାକୃଷ୍ଣ ମନ୍ଦିର ଓ କଦମ୍ବ ମଠର ରାଧାକୃଷ୍ଣ ମନ୍ଦିରରେ ପାରମ୍ପରିକ ରୀତିରେ ଅଁଳା ନବମୀ ଉତ୍ସବ ପାଳିତ ହୋଇଥିଲା । ସମ୍ପୃକ୍ତ ମନ୍ଦିରଗୁଡିକରେ ସକାଳେ ଓ ସନ୍ଧ୍ୟାରେ ଭକ୍ତଙ୍କ ଭିଡ ଜମିଥିଲା ।

**ଖଣ୍ଡପଡ଼ା:** ପବିତ୍ର ଅଁଳା ନବମୀ ତିଥିରେ ରାଧାପାଦ ଦର୍ଶନ ନିମନ୍ତେ ଖଣ୍ଡପଡ଼ା ସହରର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶୁକ୍ରବାର ଭୋର ସମୟରୁ ଶ୍ରୀ ଜଗନ୍ନାଥଜୀଉ ମନ୍ଦିରରେ ବିଗ୍ରହମାନଙ୍କ ନୀତିକାନ୍ତି ସମ୍ପନ୍ନ ପରେ ମନ୍ଦିରର ପାର୍ଶ୍ୱ ଦେବତା ରୁପେ ପୂଜିତ ଶ୍ରୀ ଗୋପୀନାଥଜୀଉଙ୍କ ମନ୍ଦିରରେ ରାଧାପାଦ ଦର୍ଶନ ନୀତି ପୂଜକମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ବିଗ୍ରହମାନଙ୍କ ଦର୍ଶନ ସହ ଭୋଗ ଲାଗି ନିମନ୍ତେ ଦିନତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା ବେଳେ ସନ୍ଧ୍ୟା ସମୟରୁ ରାତି ୧୦ଟା ପର୍ଯ୍ୟନ୍ତ ମଧ୍ୟ ମନ୍ଦିରରେ ଗହଳି ଲାଗି ରହିଥିଲା । ସେହିପରି ଖଣ୍ଡପଡ଼ା ବ୍ଲକ ଅଧିନ ବିଭିନ୍ନ ସ୍ଥାନରେ ଅବସ୍ଥିତ ମଠ ଓ ମନ୍ଦିରରେ ଅଁଳା ନବମୀ ନୀତି ପାରମ୍ପରିକ ପ୍ରଥାନୁଯାୟୀ ପାଳିତ ହୋଇଯାଇଛି ।

# ଜାତୀୟ ଏକତା ଶପଥ ପାଠ ଓ ଗଣଦୌଡ଼କୁ ଶୁଭାରମ୍ଭ କଲେ ଜିଲ୍ଲାପାଳ

**କେନ୍ଦୁଝର:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ଏକତା ଅଖଣ୍ଡତାର ସ୍ଥପତି ଏବଂ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜାତୀୟ ଏକତା ଦିବସ ପାଳନ କରାଯାଇଛି । ନାଗରିକମାନଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଏବଂ ସାମୂହିକ ଶକ୍ତିର ଭାବନାକୁ ଉଜ୍ଜ୍ୱଳ କରି ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଛି । ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ର ଏବଂ ଜନସାଧାରଣଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ଦ୍ୱାରା ପରିଚାଳିତ ଜାତୀୟ ଏକତା ଶପଥ ପାଠ ସହିତ ପାଳନ ଆରମ୍ଭ ହୋଇଥିଲା ।



ଜିଲ୍ଲାପାଳ ଶ୍ରୀ ସିଂହ ନିଜ ଅଭିଭାଷଣରେ ଦେଶର ସାର୍ବଭୌମ ସ୍ଥାପନା ଦିଗରେ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ମହାନ ନେତାଙ୍କ ଦ୍ୱାରା ପରିକଳ୍ପିତ ଅଖଣ୍ଡ ଭାରତ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଉପରେ ଥିବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଶପଥ ସମାରୋହ ପରେ, ଏକତା ଏବଂ ସମନ୍ୱୟର ବାର୍ତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ଏକତା ଦୌଡ଼ ଆୟୋଜନ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଦୌଡ଼କୁ ଜିଲ୍ଲାପାଳ ଶ୍ରୀ ସିଂହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍, ଯୁବ ସ୍ୱେଚ୍ଛାସେବକ, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ବିପୁଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଅଂଶଗ୍ରହଣକାରୀମାନେ ଜାତୀୟ ଏକତା, ଶାନ୍ତି ଏବଂ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ସମ୍ବଳିତ ବ୍ୟାନର ଏବଂ ପ୍ଲାକାର୍ଡ ଧରି ଏହି ଦୌଡ଼ିଥିଲେ । ଅଂଶଗ୍ରହଣକାରୀମାନେ ନିର୍ଦ୍ଦିଷ୍ଟ ପଥ ଅତିକ୍ରମ କରିବା ସହିତ ଜାତିପ୍ରତି ଏକତା ଏବଂ ସାମୂହିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରିବା ସମୟରେ କେନ୍ଦୁଝର ସହରର ରାସ୍ତାଗୁଡ଼ିକ ଜୀବନ୍ତ ହୋଇଉଠିଥିଲା ।

# ବେଆଇନ ରାସ୍ତା ନିର୍ମାଣକୁ ବିରୋଧ

**କେନ୍ଦ୍ରାପଡା:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ରାସ୍ତା ନିର୍ମାଣକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରାପଡା ଜମଧର ପଞ୍ଚାୟତ ବଡଗାଁର ଲୋକେ । ଜମଧର ପଞ୍ଚାୟତ ୧୮ ନମ୍ବର ୱାର୍ଡ ବଡ ଗାଁରେ ଏକ କଙ୍କ୍ରିଟ୍ ସଡକ ନିର୍ମାଣ ପାଇଁ 'ବିକଶିତ ଓଡିଶା ବିକଶିତ ଗାଁ' ଯୋଜନାରେ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି କଙ୍କ୍ରିଟ୍ ରାସ୍ତାଟି ବଡଗାଁ ଅଙ୍ଗନବାଡି-୨, ପଣ୍ଡୁଆ ଗାଁର ସେଠି ସାହି, ମୁସଲମାନ୍ ସାହି ଓ ଇଡିଆଳି ସ୍କୁଲକୁ ସଂଯୋଗ କରୁଛି । ଏହାଦ୍ୱାରା ପ୍ରାୟ ୮ ଶହରୁ ଅଧିକ ଲୋକ ଉପକୃତ ହେବେ । ତେବେ କାର୍ଯ୍ୟାଦେଶ ବାହାରିବାର କିଛିଦିନ ପରେ ହଠାତ୍ ପ୍ରକଳ୍ପଟି ଅନ୍ୟତ୍ର ସ୍ଥାନାନ୍ତର ହୋଇ ଯାଇଥିଲା । ଗ୍ରାମବାସୀ ଖବର ନେବାରୁ ଏହା ଜଣ୍ଟିଲୋ ଗାଁର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ ବୋଲି ଜଣାପଡ଼ିଥିଲା । ଖାଲି ସେତିକି ନୁହେଁ ଏହି ରାସ୍ତାଟି ଜଳସେଚନ ବିଭାଗ ଜମି ଉପରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଶତାଧିକ ଲୋକ ଉପକୃତ ହେବା ବଦଳରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଉପକୃତ ହେବା ଘଟଣା ଜଣାପଡିବା ପରେ ବଡ଼ଗାଁର ଲୋକମାନେ ଏହାର ପ୍ରତିବାଦ କରିବା ସହ ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଏହି ରାସ୍ତା ନିର୍ମାଣ ହେଲେ ଏହାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ପଥରବନ୍ଧ ଧସିବା ଘଟଣାର ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ଅଧିକ୍ଷଣ ଯନ୍ତ୍ରୀ

**ରାଜନଗର:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ପେଣ୍ଠାରେ ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ପଥରବନ୍ଧ ଧସିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁନାଥ ଆର ଆୟାର, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଆଳି ତଟବନ୍ଧ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ସମ୍ବିତକୁମାର ସାହୁ, ତହସିଲଦାର ଯୀଶୁକ୍ରିଷ୍ଟ ଦାସ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପେଣ୍ଠ ସମୁଦ୍ରକୂଳରେ ପହଂଚି ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଆୟାର ଅଧିକ୍ଷଣ ଯନ୍ତ୍ରୀ ଇଂ ସାହୁଙ୍କୁ ପଥରବନ୍ଧ ଧସିବା ପରେ ନୂତନ ମାଷ୍ଟରପ୍ଲାନ କରି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ବାତ୍ୟା ମନ୍ଥା ପ୍ରଭାବରେ ପଥରବନ୍ଧ ଧସିଲା କି ପଚାରିବାରୁ ଅଧିକ୍ଷଣ ଯନ୍ତ୍ରୀ ଇଂ ସାହୁ ବାତ୍ୟା ପ୍ରଭାବ ଯୋଗୁଁ ନୁହେଁ । ପଥରବନ୍ଧ ଦବିଛି ବୋଲି ସ୍ୱୀକାର କରିଥିଲେ । ଜିଓଟ୍ୟୁବ ଉପରେ ଏହାର କୌଣସି ପ୍ରଭାବ ପଡିନାହିଁ । ଜିଓଟ୍ୟୁବ ସଂପୂର୍ଣ୍ଣ ସୁରକ୍ଷିତ ରହିଛି । ମୁଖ୍ୟମନ୍ତ୍ରୀ ଏଠାକୁ ଅନୁଧ୍ୟାନ ପାଇଁ ଆସିବେ । ତା ପୂର୍ବରୁ ଆମେ ମାଷ୍ଟରପ୍ଲାନ କରି ତାଙ୍କୁ ଦେବୁ ବୋଲି କହିଛନ୍ତି । ସୂଚନା ଥାଉକି, ସମୁଦ୍ର କୂଳିଆ ୫୬ଟି ଗାଁକୁ ସୁରକ୍ଷା ଦେବା ପାଇଁ ତଟବନ୍ଧ ବିଭାଜନ ସହାୟତାରେ ୩୨ କୋଟି ୯୫ ଲକ୍ଷ ୯୨ ହଜାର ଟଙ୍କା ବ୍ୟୟରେ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା । ମୁଖ୍ୟତଃ ଏହି ବ୍ଲକର ବ୍ରାହ୍ମଣସାହି, ହାତିନା, ଡେରା, ଗୁପ୍ତି, କୁରୁଂଟି, ମହିଁଷାସୁର ପ୍ରଭୃତି ପଚାଂୟତଗୁଡିକର ଗାଁଗୁଡିକୁ ସୁରକ୍ଷା ଦେବା ପାଇଁ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା । ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ଗ୍ୟାବିୟନ ବକ୍ସ ଦବି ଯିବାରୁ ତଟବନ୍ଧ ବିଭାଜନ ପକ୍ଷରୁ ସମୁଦ୍ର କୂଳେ କୂଳେ ୪କୋଟି ଟଙ୍କା ବ୍ୟୟ ଅଟକଳରେ ପଥରବନ୍ଧ ନିର୍ମାଣ କରାଯାଇଥିଲା । ବାତ୍ୟା ମନ୍ଥା ପ୍ରଭାବରେ ପେଣ୍ଠ ନିକଟରେ ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଢେଉ ଦେଖିବାକୁ ମିଳିଥିଲା । ଜିଓଟ୍ୟୁବର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ପଥରବନ୍ଧ କରାଯାଇଥିଲା । ମଙ୍ଗଳବାର ସକାଳୁ ପେଣ୍ଠ ଗ୍ରାମବାସୀ ଏହି ପଥରବନ୍ଧ ୫ରୁ ୬ଫୁଟ ଦବି ଯାଇଥିବା ଦେଖିବାକୁ ପାଇଥିଲେ । ଯାହାକି ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା ।

# ୨ରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

**ହରିଦ୍ୱାର:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

PATANJALI

ହରିଦ୍ୱାରର ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୁଣି ଥରେ ଜ୍ଞାନ, ସଂସ୍କୃତି ଏବଂ ଆଧ୍ୟାତ୍ମିକ ସାଧନା ସଙ୍ଗମର ସାକ୍ଷୀ ହେବାକୁ ପ୍ରସ୍ତୁତ । ବିଶ୍ୱବିଦ୍ୟାଳୟ ଏହାର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ପାଇଁ ମହାନ ପ୍ରସ୍ତୁତିରେ ବ୍ୟସ୍ତ, ଯାହା ନଭେମ୍ବର ୨ରେ ସକାଳ ୧୦:୩୦ ସମୟରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଭାଗୃହରେ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକ ପ୍ରେରଣାଦାୟକ ସମାବର୍ତ୍ତନ ଭାଷଣ ଦେବେ । ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ସ୍ୱାମୀ ରାମଦେବ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଉପ-କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ସେମାନଙ୍କ ମାର୍ଗଦର୍ଶନ ଏବଂ ଉପସ୍ଥିତି ସହିତ ସମାରୋହକୁ ସମ୍ମାନିତ କରିବେ । ଏହି ପବିତ୍ର ଅବସରରେ ଉତ୍ତରାଖଣ୍ଡ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଗୁରମିତ୍ ସିଂହ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏବଂ ଶିକ୍ଷା ମନ୍ତ୍ରୀ ଡକ୍ଟର ଧନ ସିଂହ ରାୱତ ବିଶେଷ ଅତିଥି ଭାବରେ ଉପସ୍ଥିତ ରହିବେ । ୫୪ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୬୨ ଜଣ ଗବେଷକଙ୍କୁ ପିଏଚ୍‌ଡି ଡିଗ୍ରୀ, ୩ ଜଣ ବିଦ୍ୱାନଙ୍କୁ ଡି.ଲିଟ୍ ଡିଗ୍ରୀ ଏବଂ ୭୪୪ ଜଣ ସ୍ନାତକ ଏବଂ ୬୧୫ ଜଣ ସ୍ନାତକୋତ୍ତର ଛାତ୍ର ସମେତ ମୋଟ ୧୪୨୪ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ସମାବର୍ତ୍ତନ ଉତ୍ସବ କେବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଗର୍ବ ଏବଂ ସଫଳତାର ମୁହୂର୍ତ୍ତ ହେବ ନାହିଁ ବରଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଶିକ୍ଷା ଯାତ୍ରାରେ ଏକ ସୁବର୍ଣ୍ଣ ଅଧ୍ୟାୟ ମଧ୍ୟ ହେବ । ଜ୍ଞାନ, ଯୋଗ ଏବଂ ଭାରତୀୟ ସଂସ୍କୃତିର ଆଦର୍ଶ ଉପରେ ଆଧାରିତ, ପତଞ୍ଜଳି ବିଶ୍ୱବିଦ୍ୟାଳୟ ଶୈକ୍ଷିକ ଉତ୍କର୍ଷତା ଏବଂ ବୈଦିକ ପରମ୍ପରାକୁ ସମନ୍ୱିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି । ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଏହି ଦିଗରେ ଆଉ ଏକ ପ୍ରେରଣାଦାୟକ ମାଇଲଖୁଣ୍ଟ ପ୍ରମାଣିତ ହେବ ।

# ଭିତରକନିକା ବିକାଶ ପାଇଁ ଜିଲ୍ଲାପାଳଙ୍କ ଅନୁଧ୍ୟାନ

**ରାଜନଗର:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନକୁ ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଡାଙ୍ଗମାଳ, ଖୋଳା ଓ ଗୁପ୍ତିଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସହ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ସହକାରୀ ବନସଂରକ୍ଷକ ମାନସକୁମାର ଦାସ, ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଡାଙ୍ଗମାଳଠାରେ ଜେଟି ଓ ଶୌଚାଳୟ ସହିତ ପର୍ଯ୍ୟଟକମାନଙ୍କ ପାଇଁ ସୁବିଧା ସୁଯୋଗ ରହିଛି, ଏନେଇ ଆଲୋଚନା କରିଥିଲେ । ଏହାପରେ ଖୋଳା ଓ ଗୁପ୍ତିଠାରେ ଅନୁଧ୍ୟାନ କରିଥିଲେ । ଏନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜେଟି ନିର୍ମାଣ ସହିତ ଆବଶ୍ୟକୀୟ ଶୌଚାଳୟ ଓ ବିଶ୍ରାମଗାର ନିର୍ମାଣ କରାଯିବ । ସରକାରୀ ଜାଗା କେତେ ଓ କିପରି ରହିଛି ତହସିଲଦାର ଶ୍ରୀ ଦାସଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ପେଣ୍ଠାରେ ଇକୋରିଟ୍ରିଟ୍ କାର୍ଯ୍ୟ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିନଥିବାରୁ ବନବିଭାଗ ଇକୋରିଟ୍ରିଟ କାର୍ଯ୍ୟ ବନ୍ଦ କରିଥିଲା । ଜିଲ୍ଲାପାଳ ଶ୍ରୀ ଆୟାର ଓ ବନଖଣ୍ଡ ଅଧିକାରୀ ଶ୍ରୀ ଆୟାର ନିର୍ମାଣାଧିନ ଇକୋରିଟ୍ରିଟ ସ୍ଥଳକୁ ଯାଇ ବୁଲି ଦେଖିବା ସହିତ ଖୁବଶିଘ୍ର ଅନୁମତି ମିଳିଯିବ ବୋଲି ପ୍ରତିଶୃତି ଦେଇଥିଲେ ।

# ପାୱାର ଗ୍ରୀଡ୍ ଏବଂ ତୋସିବା ୨୨୦ କେଭି ମୋବାଇଲ ଜିଆଇଏସ୍ ସିଷ୍ଟମର ଶୁଭାରମ୍ଭ

**ଭୁବନେଶ୍ୱର:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ବିଦ୍ୟୁତ ସରବରାହ କ୍ଷେତ୍ରରେ ଐତିହାସିକ ସଫଳତା ଭାବେ ଦେଶରେ ନିର୍ମିତ ପ୍ରଥମ ସ୍ୱଦେଶୀ ୨୨୦ କେଭି ମୋବାଇଲ ଗ୍ୟାସ-ଇନ୍‌ସୁଲେଟେଡ ସ୍ୱିଚଗିୟର (ଏମ୍-ଜିଆଇଏସ୍) ସିଷ୍ଟମ ତୋସିବା ଟ୍ରାନ୍ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ (ଟିଟିଡିଆଇ) ଦ୍ୱାରା ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ (ପାୱାରଗ୍ରୀଡ୍)କୁ ପ୍ରଦାନ କରାଯାଇଛି । ଏହି ପ୍ରାରମ୍ଭ ଭାରତର ସରବରାହ ନେଟୱର୍କରେ ବୈଷୟିକ ନବସୃଜନ, ମାନକୀକରଣ ଏବଂ ସ୍ୱଦେଶୀକରଣକୁ ଅଗ୍ରାଧିକାର ଦେବାରେ ପାୱାରଗ୍ରୀଡ୍‌ର ନେତୃତ୍ୱକୁ ପୁନର୍ବାର ପ୍ରମାଣିତ କରିଛି । ୨୨୦ କେଭି ଏମ୍-ଜିଆଇଏସ୍ ସିଷ୍ଟମକୁ ପାୱାରଗ୍ରୀଡ୍‌ର ପରିଚାଳନାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଡିଜାଇନ ଏବଂ ନିର୍ମାଣ କରାଯାଇଛି । ପତାକା ଦେଖାଇ ଔପଚାରିକ ଭାବେ ତେଲେଙ୍ଗାନାସ୍ଥିତ ଟିଟିଡିଆଇ ଉତ୍ପାଦନ କେନ୍ଦ୍ରରୁ ଏହି ସିଷ୍ଟମର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଶ୍ରୀ ବାମ୍‌ସି ରାମ ମୋହନ ବୁରା (ନିର୍ଦ୍ଦେଶକ – ପ୍ରକଳ୍ପ), ଶ୍ରୀ ରାଜିଲ ଶ୍ରୀବାସ୍ତବା (କାର୍ଯ୍ୟକାରୀ ନିର୍ଦ୍ଦେଶକ – ପରିସମ୍ପତ୍ତି ପରିଚାଳନା), ଏବଂ ଅଭୟ କୁମାର (ସିଜିଏମ୍ - ଭାରପ୍ରାପ୍ତ ଇଞ୍ଜିନିୟରିଂ) ପ୍ରମୁଖ ଉପସ୍ଥିତ ରହିଥିଲେ । ଗ୍ୟାସ୍-ଇନ୍‌ସୁଲେଟେଡ ସ୍ୱିଚ୍‌ଗିୟର (ଜିଆଇଏସ୍) ଏକ ସଂହତ ଏବଂ ଅତ୍ୟନ୍ତ




ଭରସାଯୋଗ୍ୟ ପ୍ରଣାଳୀ ହୋଇଥିବା ବେଳେ ଏହାର ବ୍ୟବହାର ସୁରକ୍ଷିତ ଏବଂ ଦକ୍ଷ ଭାବେ ଉଚ୍ଚ-ଭୋଲ୍ଟେଜ ବିଦ୍ୟୁତ ବିତରଣ କରିବା ପାଇଁ ହୋଇଥାଏ, ବିଶେଷକରି ସେହିପରି ସ୍ଥାନରେ ଯେଉଁଠି ଜାଗା ସୀମିତ ରହିଥାଏ । ଗତିଶୀଳତା ଏବଂ ଦ୍ରୁତ ପ୍ରତିକ୍ରିୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପାୱାରଗ୍ରୀଡ୍ ଏକ ମୋବାଇଲ ଜିଆଇଏସ୍ (ଏମ୍-ଜିଆଇଏସ୍) ସମାଧାନର ପରିକଳ୍ପନା ଏବଂ ବୈଷୟିକ ରୂପରେଖ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ପାୱାରଗ୍ରୀଡ୍‌ର ପ୍ରାରମ୍ଭିକ ପଦକ୍ଷେପ ଅଧୀନରେ ଟିଟିଡିଆଇ ଦ୍ୱାରା ବିକଶିତ ଏବଂ ନିର୍ମିତ ଏହି ଏମ୍-ଜିଆଇଏସ୍ ପ୍ରଣାଳୀ ଦ୍ରୁତ ନିୟୋଜନ ପ୍ରଦାନ କରିଥାଏ ଏବଂ ଗ୍ରୀଡ୍‌ର ନମନୀୟତା, ଦୃଢ଼ତା, ଏବଂ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତିକୁ ସଶକ୍ତ କରିଥାଏ । ୨୨୦ କେଭି ଏମ୍-ଜିଆଇଏସ୍ ପାୱାରଗ୍ରୀଡ୍‌ର ନିଖୁଣ ଡିଜାଇନ, ଗୁଣବତ୍ତା ଏବଂ ପ୍ରଦର୍ଶନ ମାନକ ପୂରଣ କରୁଛି । ଏହା ସୀମିତ ଭିତ୍ତିଭୂମି ଏବଂ ସମୟରେ ଦ୍ରୁତ ଗ୍ରୀଡ୍ ପୁନଃସ୍ଥାପନା, ଅସ୍ଥାୟୀ ବିଦ୍ୟୁତ ନିର୍ଗମନ, ଏବଂ ସବ୍‌ଷ୍ଟେସନ ବର୍ଦ୍ଧନ କରିଥାଏ । ଏହାର ମଡ୍ୟୁଲାର 'କନେକ୍ଟ-ଡିସ୍‌କନେକ୍ଟ-ରିଡିପ୍ଲଏ' ବିଶେଷତ୍ୱ ପରିଚାଳନାଗତ କ୍ଷିପ୍ରତା ସୁନିଶ୍ଚିତ କରିଥାଏ, ଯାହାଦ୍ୱାରା ଆପାତକାଳୀନ ପରିସ୍ଥିତି ଏବଂ ନମନୀୟ ଗ୍ରୀଡ୍ ଆବଶ୍ୟକତା ପରିଚାଳନାରେ ଏହା ଗେମ-ଚେଞ୍ଜର ହୋଇପାରିଛି । ଏମ୍-ଜିଆଇଏସ ସମାଧାନ ମାନକ ଟ୍ରେଲର ପରିମାଣକୁ ସମାୟୋଜନ କରିବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏହାର ପରିବହନ ଏବଂ ନିୟୋଜନ ସମୟରେ ଆବଶ୍ୟକ ବୈଦ୍ୟୁତିକ କ୍ଲିୟରାନ୍ସ ଏବଂ ଯାନ୍ତ୍ରିକ ଚାପକୁ ପୂରଣ କରିବା ଦିଗରେ ପ୍ରସ୍ତୁତ କରାଯାଇଛି । 'ଆମେ ଏହି ଉପଲବ୍ଧି ସମ୍ଭବ କରିବା ପାଇଁ ଏବଂ ଭାରତରେ ଇଭିଏଚ୍ ଗ୍ରୀଡ୍ ନେଟୱର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଏବଂ ଆବଶ୍ୟକତାକୁ ସମର୍ଥନ ଦେବା ନିମନ୍ତେ ଏକ ସ୍ୱଦେଶୀ ସମାଧାନ ସମ୍ଭବ କରିବା ପାଇଁ ପାୱାରଗ୍ରୀଡ୍ ସହିତ ସହଯୋଗ କରି ଗର୍ବ ଅନୁଭବ କରୁଛୁ । ଆମର ମେକ୍ ଇନ୍ ଇଣ୍ଡିଆ ପ୍ରତିବଦ୍ଧତାକୁ ମଜଭୁତ କରୁଥିବା ଭାରତରେ ଏକ ଉତ୍କୃଷ୍ଟ ମୋବାଇଲ ୨୨୦ କେଭି ଏମ୍ -ଜିଆଇଏସ୍ ସମାଧାନର ଡେଲିଭରି ଆମ ପାଇଁ ଏକ ଉଲ୍ଲେଖନୀୟ ଉପଲବ୍ଧି ଅଟେ । ଟିଟିଡିଆଇ ଆମର ଗ୍ରାହକମାନଙ୍କର ସ୍ୱତନ୍ତ୍ର, ଅନନ୍ୟ ଏବଂ ଅନୁକୂଳିତ ସମାଧାନ ତିଆରି କରିବାରେ ସର୍ବାଗ୍ରେ ରହିଛି, ଯାହା ଆମ ଗ୍ରାହକଙ୍କର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ପ୍ରୟୋଗରେ ମୂଲ୍ୟ ଯୋଡ଼ିଥାଏ । ପାୱାରଗ୍ରୀଡ୍‌କୁ ପ୍ରଦାନ କରାଯାଇଥିବା ଏମ୍-ଜିଆଇଏସ୍ ସମାଧାନ ସମ୍ପୂର୍ଣ୍ଣ ଭାବରେ ଅନୁକୂଳିତ ଏବଂ ନେଟୱର୍କ(ଗୁଡ଼ିକ)ର ନମନୀୟତା ବୃଦ୍ଧି କରିବାରେ ବିଭିନ୍ନ ପ୍ରୟୋଗ ଅନୁସାରେ କୁଶଳତା ପୂର୍ବକ ପ୍ରସ୍ତୁତ କରାଯାଇଛି ।

**AFFIDAVIT**

I, Bhramarbar Sethy, S/o: Mandardhar Sethi, permanent resident of Vill/Po : Kasananta, Ps: Pattamundai, Dist: Kendrapara, Odisha-754215 do hereby solemnly affirm and declare by this Affidavit No. 89 dtd.31/10/2025 that now onwards I shall be known as Bhramarbar Sethi for all future purpose.

**AFFIDAVIT**

By virtue of an Affidavit before the Court of Execitive Margistrate Nayagarh, Odisha.No-16/2,dt-23.12.2024. I Sidhanta Pattnaik, age 19 years, S/O-Kishore Kumar Pattnaik, At/Po-Dighiri, Ps-Bolagarh, Dist-Khordha declared that my name is mentioned as Sidhanta Pattnaik in my Aadhaar Card. But in my Birth Certificate and Other Educational Certificate my name is mention as Sidhanta Pattnaik. But in my LIC Policy No- 588945952 my name is mention as Ashis Pattnaik . Sidhanta Pattnaik & Ashis Pattnaik is one and same person. Hence forth I shall be known as Sidhanta Pattnaik for all purposes.

**S/d-**
**Sidhanta Pattnaik**

# ସାଇବର ସୁରକ୍ଷା ସଚେତନତା ରଥ ଉଦଘାଟିତ

**କେନ୍ଦ୍ରାପଡ଼ା:୩୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପୋଲିସ ପକ୍ଷରୁ ପୌର ଟାଉନହଲ ପରିସରରେ ଆୟୋଜିତ ସଚେତନତା ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ପୌରହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ କହିଲେ ୨୦୧୦ ମସିହାରେ ଇଣ୍ଟରନେଟ ସେବା ଆରମ୍ଭ ହେଲା । ଏଆରଟେଲ, ରିଲାଏନ୍ସ ଭଳି କମ୍ପାନୀମାନେ ୩ଜି ସେବା ଯୋଗାଉଥିଲେ । କିନ୍ତୁ ଇଣ୍ଟରନେଟ ପ୍ରୋଭାଇଡର ଗୁଡିକ ୫ଜି ସେବା ଆରମ୍ଭ କରିବା ପରେ ଫୋନପେ, ଗୁଗୁଲପେ, ୟୁପିଆଇ ଭଳି ଅର୍ଥ ଉଠାଣର ସୁବିଧା ସ୍ମାର୍ଟ ଫୋନ ଗୁଡିକରେ ବହୁଳମାତ୍ରାରେ ଚାଲିଲା । ଲୋକମାନେ କିଛି ନବୁଝି ନଭାବି ଓ ଚିନ୍ତା ନକରି ସନ୍ଦିଗ୍ଧ ଲିଙ୍କ ଓ ସନ୍ଦେହଯୁକ୍ତ ଆପ୍ ଗୁଡିକର ବ୍ୟବହାର କରିବା ସହିତ ନିଜ ମୋବାଇଲକୁ ଆସିଥିବା ଓଟିପି, ନିଜ ଇ-ମେଲ, ଇନଷ୍ଟାଗ୍ରାମ ଓ ଫେସବୁକର ପାସୱାର୍ଡ ସହିତ ବ୍ୟାଙ୍କ ଏଟିଏମର ପିନ ପ୍ରଭୃତି ଅଜଣା ଅଚିହ୍ନା ଲୋକଙ୍କୁ ଦେଇଦେଲେ । ଫଳରେ ସାଇବର ଅପରାଧୀମାନେ ଏହାର ସୁଯୋଗ ନେଇ ଲୋକମାନଙ୍କୁ ଲୁଟିବା ଆରମ୍ଭ କରିଦେଲେ । ଲୋକମାନେ ସାଇବର ଅପରାଧର ଶୀକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇ ସର୍ବଶାନ୍ତ ହେଲେ । ଆଜିର ଦିନରେ କମ୍ପ୍ୟୁଟର, ଲାପଟପ ଓ ମୋବାଇଲର ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ହୋଇପଡିଥିବା ବେଳେ ଆମକୁ ଅତ୍ୟନ୍ତ ସତର୍କତାର ସହ ଏସବୁର ବ୍ୟବହାର କରିବାକୁ ପଡିବ । ଏହା ସହିତ ସାଇବର ଅପରାଧୀମାନେ କଲ କଲେ ଆମକୁ ସାବଧାନ ହେବାକୁ ପଡିବ । ଏଥିସହିତ ସାଇବର ଅପରାଧର ଶୀକାର ହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର-୧୯୩୦କୁ ଯୋଗାଯୋଗ କରିବା ସହିତ ସ୍ଥାନୀୟ ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିବାକୁ ଏସପି ଶ୍ରୀ କଟାରିଆ ପରାମର୍ଶ ଦେଇଥିଲେ । ଏବେ ରାଜ୍ୟରେ ୧୪ଟି ସାଇବର ଥାନା ଥିବା ବେଳେ ରାଜ୍ୟ ସରକାର ଆଉ ୨୦ଟି ନୂତନ ସାଇବର ଥାନା ଖୋଲିବାକୁ ଯାଉଛନ୍ତି । ସେଥିମଧ୍ୟରୁ ଗୋଟିଏ ସାଇବର ଥାନା ଖୁବଶୀଘ୍ର କେନ୍ଦ୍ରାପଡାରେ ଖୋଲିବାକୁ ଯାଉଥିବା ଏସପି ସୂଚନା ଦେଇଥିଲେ । ଏହି ଅବସରରେ ଏସପି ସାଇବର ସୁରକ୍ଷା ସଚେତନତା ରଥକୁ ଉଦଘାଟନ କରିଥିଲେ । ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା ଅଞ୍ଚଳରେ ବୁଲି ଲୋକମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇବ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ଆମ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିଥିଲେ । ଲୋକମାନେ ଏବେ ସାଇବର ଅପରାଧୀଙ୍କ ଶୀକାର ହୋଇ ସର୍ବସ୍ୱ ହରାଇବା ସହିତ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଆମେ ଏବେ ସଚେତନ ନହେଲେ ଭବିଷ୍ୟତରେ ଏହା ଆମ ପାଇଁ ଏକ ମହାମାରୀରେ ପରିଣତ ହେବ ରୋଗ ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଭଳି ସାଇବର ଅପରାଧର ଶୀକାର ହେବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଏସପି ପ୍ରଭାତ କୁମାର ବିଶ୍ୱାଳ, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସରୋଜ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଡିଏସପି ଶ୍ରୀ ସାହୁ ଓ ଏସଡିପିଓ ଶ୍ରୀ ଗୌଡ ସାଇବର ସଚେତନତା ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କିତ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ କେନ୍ଦ୍ରାପଡା ଏସଡିପିଓ ଶ୍ରୀ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ ।

ଛତ୍ରପୁର, ଗଞ୍ଜାମ ଜିଲ୍ଲା, ୭୬୧୦୨୦
Chatrapur, Dist-Ganjam, 761020
E-mail-nacchatrapur@rediffmail.com / chatrapur@gmail.com
Web :- www.chatrapurnac.in
Contact No. - (06811) 263975

**NOTIFIED AREA COUNCIL CHATRAPUR**

Letter No: 2059 / NAC Date: 31.10.2025

QUOTATION CALL NOTICE

The Executive Officer NAC Chatrapur on behalf of Chatrapur NAC ,Ganjam Invited Sealed quotations in prescribed form "Registered Firms /reputed Agencies//Govt Contractors" for Supply, Fitting & Fixing of different FRP/SS/BRONZE/CERAMIC products like fountain, statue ,sculpture, designed & decorative items ,designed lights etc at different places of NAC Chatrapur.The detailed i.e specification /drawing/ photo given in tender document to the Office of NAC Chatrapur, Hence interested party can obtain their Quotation Paper from the Office of N.A.C. Chatrapur, from 11.00 AM of 03.11.2025 to 04.00 PM of 12.11.2025 during office hours of working day by depositing Paper Cost as Cash Receipt for each different work.. The last date & time of submission of quotation paper is 13.11.2025 up to 02.00 PM.

The documents like PAN Card, GST etc. in photo copy in this regard should be produced along with Quotation Paper i.e. on or before 2.00 PM of 13.11.2025.The same will be opened at 4.00 PM dated 13.11.2025 in the presence of the quotation or their authorized representative in the chamber of The Executive Officer, N.A.C. Chatrapur.

Executive Office
N.A.C, Chatrapur

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 1st November, 2025 Saturday | RNI Regd. No. ODIODI/2009/28880


## କାମବାଲିର ଭାଇ ଏବେ ଜେଲ୍‌ରେ

ହେଲ୍‌ଥ



ଟନିକ୍

ମନ୍ଦିରରେ ପଡ଼ୋଶୀ ଘରର ମହିଳାଙ୍କ ସହ ଦେଖାହେବା ପରେ ପ୍ରଥମ ମହିଳାଙ୍କ ପ୍ରଶ୍ନ- ଆଚ୍ଛା ଆପା, ତମ ଘରେ ଯେଉଁ ସ୍ତ୍ରୀ ଲୋକଟା କାମ କରୁଛି ତା'ଭାଇ ଆଜିକାଲି କ'ଣ କରୁଛି ?

ପଡ଼ୋଶିନୀ ଖୁବ୍ ଗମ୍ଭୀର ହୋଇ କହିଲେ- ସିଏ ଗୋଟେ ଦୋକାନ ଖୋଲିଥିଲା। ଏବେ ଜେଲ୍‌ରେ ଅଛି।

ପ୍ରଥମ ମହିଳା ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କାହିଁ ସେ କ'ଣ ନିଶା ଜିନିଷ ବିକୁଥିଲା କି ତା' ଦୋକାନରେ ?

ପଡ଼ୋଶିନୀଙ୍କ ଜବାବ- ନାଇଁମ, ନିଶା ବିକିବ କାହିଁକି ? ସିଏ ରାତିରେ ଦୋକାନ ଖୋଲିଥିଲା, ତେଣୁ ପୋଲିସ ତାକୁ ବାନ୍ଧିନେଲା।

ପ୍ରଥମ ମହିଳା- ଇଏ କ'ଣ କହୁଛ ମ ତମେ? ଜଣେ ରାତିରେ ତା'ଦୋକାନ ଖୋଲିବ ବୋଲି ପୋଲିସ ତାକୁ ବାନ୍ଧିବ ! ଇଏ କି ଆଇନ୍ ?

ପଡ଼ୋଶିନୀ କହିଲେ- ଆରେ ନାଇଁମ, ସିଏ ପଅରଦିନ ରାତିରେ ତାଲା ଭାଙ୍ଗି ଅନ୍ୟ ଜଣଙ୍କ ଦୋକାନ ଘର ଖୋଲିଥିଲା। ସେଥିପାଇଁ ସେ ଏବେ ଜେଲ୍‌ରେ ଅଛି।

# ଚିଟ୍‌ଫଣ୍ଡ ଠକେଇ ଅଭିଯୁକ୍ତଙ୍କ ନାଁରେ ଥିବା ଜମି ବିଲ୍‌ଡର୍‌ଙ୍କୁ ବିକ୍ରି

**ଭୁବନେଶ୍ୱର,୩୧।୧୦: ତଥ୍ୟ**

ଚିଟ୍‌ଫଣ୍ଡ ଠକେଇରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ସ୍ଥାବର ଅସ୍ଥାବର ସଂପତ୍ତି ଜବତ କରାଯାଇଥିବା ବେଳେ କେତେକ କ୍ଷେତ୍ରରେ ସରକାରଙ୍କୁ ଚକ୍‌ମା ଦେଇ ଅଭିଯୁକ୍ତ କୋଟି କୋଟି ଟଙ୍କାର ସଂପତ୍ତି ନିଜ ସଂପର୍କୀୟଙ୍କୁ ହସ୍ତାନ୍ତର କରିବା ସହ ଏହାକୁ ପରେ ବିଲଡର ସଂସ୍ଥା ମାଧ୍ୟମରେ ବିକ୍ରି କରିଦେଉଛନ୍ତି। ଗୋଟିଏ ପଟେ କ୍ଷତିଗ୍ରସ୍ତ ସମସ୍ତ ଜମାକାରୀ ସେମାନଙ୍କ ସଂପୂର୍ଣ୍ଣ ଅର୍ଥ ଫେରସ୍ତ ପାଇପାରୁନଥିବା ବେଳେ ଅନ୍ୟପଟେ ଅଭିଯୁକ୍ତମାନେ କାରସାଦି କରି ସଂପତ୍ତି ବିକିବାରେ ଲାଗିଛନ୍ତି। ଏଭଳି ଘଟଣା ଘଟିଛି ଖୋଦ୍ ରାଜଧାନୀର ଉପକଣ୍ଠରେ।

ଏଠାରେ ଉଲ୍ଲେଖନୀୟ ଯେ ୨୦୦୦ରୁ ୨୦୧୮ ବର୍ଷ ମଧ୍ୟରେ ପାଖାପାଖି ୩୦୦ଟି ବେଆଇନ୍ ଆର୍ଥିକ ପ୍ରତିଷ୍ଠାନ ବିରୋଧରେ ଅନ୍ୟୁନ ୭୦୦ ଫୌଜଦାରୀ ମାମଲା ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା, କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ଓ ବିଭିନ୍ନ ଜିଲ୍ଲା ପୋଲିସ ଅଧିକାରୀଙ୍କ ଦ୍ୱାରା ଦାଏର କରାଯାଇଥିଲା। ସେତେବେଳେ ଏହି ବେଆଇନ୍ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ପାଖାପାଖି ୯୦୦ ଲୋକଙ୍କୁ ଗିରଫ କରାଯାଇଥିଲା।

ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଅନେକଗୁଡ଼ିଏ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏହାଛଡ଼ା ରାଜ୍ୟ ସରକାର ଏହି ମହା ଘୋଟାଲାର ତଦନ୍ତ ପାଇଁ ପ୍ରଥମେ ଅବସରପ୍ରାପ୍ତ ହାଇକୋର୍ଟ ମୁଖ୍ୟ ବିଚାରପତି ଆର.କେ. ପାତ୍ର ଓ ତାଙ୍କ ଦେହାନ୍ତ ପରେ ଅନ୍ୟତମ ବିଚାରପତି ଏମ.ଏମ. ଦାସଙ୍କ ଦ୍ୱାରା କମିଶନ ବସାଇଥିଲେ। ଏହି କମିଶନ ପାଇଁ ରାଜକୋଷରୁ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ କମିଶନକୁ ଅଚଳ କରିଦିଆଯାଇଥିଲା।

ଲକ୍ଷାଧିକ କ୍ଷତିଗ୍ରସ୍ତ ଜମାକାରୀ ଅର୍ଥ ଫେରସ୍ତ ପାଇବା ଆଶାରେ କମିଶନଙ୍କ ନିକଟରେ ଶପଥ ପାଠ ଦାଖଲ କରିଥିଲେ। ରାଜ୍ୟ ସରକାର ମଧ୍ୟ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ଲାଗି ୩୦୦ କୋଟି ଟଙ୍କାର ଏକ କର୍ପସ ଫଣ୍ଡ ଘୋଷଣା କରିଥିଲେ। ୨୦୨୪ ନିର୍ବାଚନ ବେଳେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଅର୍ଡିନାନ୍ସ ମାଧ୍ୟମରେ ଆଇନ୍ ଆଣି ଅର୍ଥ ଫେରସ୍ତ କରାଯିବ ବୋଲି ବିଜେପି ତା'ର ସଂକଳ୍ପ ପତ୍ରରେ ଘୋଷଣା କରିଥିଲା। ଚଢ଼ଉ ବେଳେ କୋଟି କୋଟି ଟଙ୍କାର ନଗଦ ଅର୍ଥ, ବିପୁଳ ପରିମାଣର ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ସମେତ ଅନେକ ଯାନବାହନ, ୯ଟି ଶିକ୍ଷାନୁଷ୍ଠାନ, ଶତାଧିକ ଫ୍ଲାଟ୍, ଅଫିସ ଘର, ଫାର୍ମ ହାଉସ୍ ଓ ପାଖାପାଖି ହଜାରେ ଏକର ଜମି ଜବତ କରାଯାଇଥିଲା। ଏହାଛଡ଼ା ଚିଟ୍‌ଫଣ୍ଡ ଘୋଟାଲାରେ ସଂପୃକ୍ତ ବିଭିନ୍ନ ସଂସ୍ଥାଙ୍କର ୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆକାଉଣ୍ଟକୁ ମଧ୍ୟ ଜବତ କରାଯାଇଥିଲା। ଆଇନ୍ ଅନୁଯାୟୀ ଏସବୁକୁ ନିଲାମ କିମ୍ବା ବିକ୍ରି କରି କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଫେରସ୍ତ କରାଯିବା କଥା।

ଇତିମଧ୍ୟରେ କେତେକ ଅଭିଯୁକ୍ତ ସେମାନଙ୍କ ନାମରେ ରାଜଧାନୀ ଉପକଣ୍ଠରେ କିଣାଯାଇଥିବା କୋଟି କୋଟି ଟଙ୍କା ମୂଲ୍ୟର ଭୂସଂପତ୍ତିକୁ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରି ସଂପର୍କୀୟଙ୍କ ନାମରେ ଦରଜ କରିଦେଇଛନ୍ତି। ଏହି ପ୍ରକ୍ରିୟା ପରେ କେତେକ ନିର୍ଦ୍ଦିଷ୍ଟ ବିଲଡର୍ ସଂସ୍ଥା ନାମୀ ବେନାମୀ କବଲା କରି ଏହି ଭୂସଂପତ୍ତିକୁ କିଣି ନେଇଛନ୍ତି। ରାଜଧାନୀ ଉପକଣ୍ଠରେ ଚିଟ୍‌ଫଣ୍ଡ ଠକେଇରେ ସଂପୃକ୍ତ ଅଭିଯୁକ୍ତଙ୍କ ସଂପତ୍ତି କିଭଳି ତଦନ୍ତକାରୀ ସଂସ୍ଥା ଓ ସରକାରଙ୍କ ନଜରକୁ ଆସିଲା ନାହିଁ ଏବଂ ଅଭିଯୁକ୍ତଙ୍କ ନାମରେ କିଣାଯାଇଥିବା ଏହି ଭୂସଂପତ୍ତିକୁ କିପରି ଅନ୍ୟ ନାମରେ ଦରଜ କରାଇବା ପାଇଁ ରାଜସ୍ୱ ବିଭାଗ କ୍ଷେତ୍ର କର୍ତ୍ତୃପକ୍ଷ ଅନୁମତି ଦେଲେ ଓ ତା'ପରେ ପରେ ଏହାକୁ ବିଲଡର୍ ବିଭିନ୍ନ ଲୋକଙ୍କ ନାମରେ କିଣିନେଲେ ସେଥିଘେନି ଅଭିଯୋଗମାନ ମିଳିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିବା ଜଣାପଡ଼ିଛି। ରାଜ୍ୟର ଅନ୍ୟ ଅଞ୍ଚଳରେ ଏଭଳି ଜମି ହସ୍ତାନ୍ତର ଚିଟ୍‌ଫଣ୍ଡ ଠକମାନେ କରିଛନ୍ତି କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି କ୍ଷତିଗ୍ରସ୍ତ ଜମାକାରୀମାନେ କହୁଛନ୍ତି।

## ମେଲବର୍ଣ୍ଣରେ ଭାରତର ଫ୍ଲପ୍ ଶୋ



**ମେଲବର୍ଣ୍ଣ,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କରିଛି। ଆଜିର ମ୍ୟାଚ୍‌ରେ ଭାରତ ୧୨୫ ରନ୍ କରିଥିଲା। ଜବାବରେଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ୱିକେଟ୍ ହରାଇ ୧୨୬ ରନ୍ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଅଷ୍ଟ୍ରେଲିଆ ଟି-୨୦ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

ଆଜିର ମ୍ୟାଚ୍‌ରେ ଜସପ୍ରିତ ବୁମରାହ ଏବଂ ବରୁଣ ଚକ୍ରବର୍ତ୍ତୀ ଅଷ୍ଟ୍ରେଲିଆକୁ ରୋକିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। କିନ୍ତୁ ଅଷ୍ଟ୍ରେଲିଆକୁ ବିଜୟକୁ ରୋକିପାରି ନାହାନ୍ତି। ପ୍ରଥମେ ବ୍ୟାଟିଂ କରି ଭାରତ ମାତ୍ର ୧୨୬ ରନ ଟାର୍ଗେଟ୍ ଦେଇଥିଲା। ଅଷ୍ଟ୍ରେଲିଆ ୪୦ ବଲ ବାକି ଥାଇ ଏହି ଛୋଟ ଟାର୍ଗେଟକୁ ହାସଲ କରି ନେଇଛି। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ଏବଂ ମିଚେଲ୍ ମାର୍ଶଙ୍କ ପ୍ରାରମ୍ଭିକ ଯୋଡ଼ି ଅଷ୍ଟ୍ରେଲିଆକୁ ମାତ୍ର ୪ ଓଭରରେ ରନ୍ ୫୦ ପାର କରାଇଥିଲା। ଟ୍ରାଭିସ ହେଡ୍ ୧୫ ବଲରୁ ୨୮ ରନ କରି ଆଉଟ ହୋଇଥିଲେ। ଅଧିନାୟକ ମିଚେଲ୍ ମାର୍ଶ ୨୬ ବଲରୁ ୨ଟି ଚୌକା ଏବଂ ୪ଟି ଛକା ସହ ୪୬ ରନର ଧମାକାଦାର ଇନିଂସ ଖେଳିଥିଲେ।

ଭାରତ ପକ୍ଷରୁ ଜସପ୍ରିତ ବୁମରାହ ଏବଂ ବରୁଣ ଚକ୍ରବର୍ତ୍ତୀ ଅଷ୍ଟ୍ରେଲିଆକୁ କମ୍ ରନ୍‌ରେ ଅଟକାଇବା ପାଇଁ ଭରପୁର ପ୍ରୟାସ କରିଥିଲେ। ବୁମରାହ ୪ ଓଭରରେ ମାତ୍ର ୨୬ ରନ ଦେଇ ୨ ୱିକେଟ୍ ନେଇଥିବା ବେଳେ ଚକ୍ରବର୍ତ୍ତୀ ୪ ଓଭରରେ ମାତ୍ର ୨୩ ରନ ଦେଇ ୨ ୱିକେଟ୍ ନେଇଥିଲେ। ଅନ୍ୟ ବୋଲରମାନେ ବିଶେଷ ପ୍ରଭାବ ପକାଇ ପାରି ନଥିଲେ। କୁଲଦୀପ ଯାଦବ ଯଦିଓ ଦୁଇଟି ୱିକେଟ୍ ନେଇଥିଲେ, କିନ୍ତୁ ବହୁତ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ଆଜିର ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ୧୨୫ ରନରେ ଅଲଆଉଟ୍ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ଆଗରେ ୧୨୬ ରନର ଟାର୍ଗେଟ ଦେଇଥିଲା। ଆଜିର ମ୍ୟାଚରେ କେବଳ ଅଭିଷେକ ଶର୍ମାଙ୍କ ବ୍ୟାଟ୍ ଚାଲିଥିଲା। ସେ ୩୭ ବଲରେ ୬୮ ରନ କରି ଆଉଟ ହୋଇଥିଲେ। ହର୍ଷିତ ରାଣା ୩୫ ରନ୍ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହେଜଲଉଡ୍ ୩ ୱିକେଟ୍ ଏବଂ ଜାଭିୟର ବାର୍ଟଲେଟ୍ ଏବଂ ନାଥନ୍ ଏଲିସ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଭାରତ ପକ୍ଷରୁ ଶୁଭମନ ଗିଲ୍ (୫), ସଞ୍ଜୁ ସାମସନ (୨), ସୂର୍ଯ୍ୟକୁମାର ଯାଦବ (୧), ତିଲକ ବର୍ମା (୦), ଅକ୍ଷର ପଟେଲ (୭), ଶିଭମ ଦୁବେ (୪) କୌଣସି ପ୍ରଭାବ ପକାଇ ପାରି ନଥିଲେ । ସେପଟେ ୫ ବର୍ଷ ମଧ୍ୟରେ ପ୍ରଥମ ଥର ଅଷ୍ଟ୍ରେଲିଆ ଭାରତକୁ ନିଜ ଘରୋଇ ମାଟିରେ ଟି-୨୦ ମ୍ୟାଚ୍‌ରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଶେଷ ଥର ପାଇଁ ଡିସେମ୍ବର ୨୦୨୦ରେ ସିଡନୀରେ ନିଜ ଘରୋଇ ମାଟିରେ ଭାରତକୁ ପରାସ୍ତ କରିଥିଲା। ଏହା ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ମୋଟ ୧୨ତମ ଟି-୨୦ ବିଜୟ।

# ସିଏମସି ବୈଠକରେ ହଟଗୋଳ: ଭାଙ୍ଗିଲା ମାଇକ, ଉଡ଼ିଲା ଚୌକି

**କଟକ,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରବଳ ହଟଗୋଳ, ହୋହାଲ୍ଲା ଓ ଚୌକି ଫୋପଡ଼ା ଫୋପଡ଼ି ଘଟଣାକୁ ନେଇ ଶୁକ୍ରବାର ଦିନ କଟକ ମହାନଗର ନିଗମର ସାଧାରଣ ଅଧିବେଶନ ଅଧାରୁ ବନ୍ଦ ହୋଇଯାଇଛି । ବୈଠକରେ ପ୍ରବଳ ଉତ୍ତେଜନା ଯୋଗୁ ଗୃହ କାର୍ଯ୍ୟ ଚାଲିପାରି ନଥିଲା। ଫଳରେ ସାଧାରଣ ଅଧିବେଶନକୁ ବାତିଲ କରିବା ପାଇଁ ସିଏମସି ବାଧ୍ୟ ହୋଇଥିଲା । ସିଏମସିର ୫୧ ନଂ ୱାର୍ଡ଼ରେ ଜିମ୍ ସରଂଜାମ କିଣିବା କ୍ଷେତ୍ରରେ ସ୍ଥାନୀୟ କର୍ପୋରେଟରଙ୍କୁ ଅଣଦେଖା କରାଯାଉଛି ବୋଲି କର୍ପୋରେଟର ଅଭିଯୋଗ କରିଥିଲେ । ଏହି ସମୟରେ ଏକ ଅପଶବ୍ଦକୁ ନେଇ ୫୧ ନଂ ୱାର୍ଡ଼ କର୍ପୋରେଟଣ ରାକେଶ ସ୍ୱାଇଁ ଏବଂ ୩୦ ନଂ ୱାର୍ଡ଼ କର୍ପୋରେଟର ରବି ନାରାୟଣ ସାହୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ପରେ ବୈଠକରେ ବିଜେଡ଼ି ଓ ବିଜେପି କର୍ପୋରେଟରମାନେ ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଥିଲେ । ଫଳରେ ବୈଠକରେ ଉତ୍ତେଜନା ଦେଖା ଦେଇଥିଲା । ଏହାପରେ ବୈଠକରେ ପାଟିତୁଣ୍ଡ, ମାଇକ ଭଂଗାଭଂଗି ଓ ଚୌକି ଫୋପଡ଼ାଫୋପଡ଼ି କରାଯାଇଥିଲା । ଉଭୟ ପକ୍ଷର କର୍ପୋରେଟରମାନେ ମେୟର ସୁବାସ ସିଂକୁ ଘେରି ଯାଇଥିଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ସିଏମସି ସାଧାରଣ ବୈଠକକୁ ବାତିଲ କରାଯାଇଥିଲା । ଘଟଣାକୁ ଦୁର୍ଭାଗ୍ୟଜନକ କହି ମେୟର ସମସ୍ତ ପ୍ରଶ୍ନକୁ ଏଡ଼େଇ ଯାଇଥିଲେ । ସେହିଭଳି ଛତ୍ରବଜାର ସ୍ଥିତ ସହରାଞ୍ଚଳ ହାଟର ଟେଣ୍ଡର ପ୍ରକ୍ରିୟାକୁ ନେଇ ବୈଠକରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ କର୍ପୋରେଟର ଏହି ସହରାଞ୍ଚଳ ହାଟ ଟେଣ୍ଡରକୁ କାହିଁକି ବାତିଲ କରାଗଲା, ସେ ସଂପର୍କରେ ବୈଠକରେ କୈଫତ ତଲବ କରିଥିଲେ। ମାତ୍ର ସିଏମସି ପକ୍ଷରୁ ଟେଣ୍ଡର ବାତିଲ ସଂପର୍କରେ ସ୍ପଷ୍ଟ ସୂଚନା ଦିଆଯାଇପାରିନଥିଲା । ମୋଟାମୋଟି ଭାବେ ଆଜି ସିଏମସିର ସାଧାରଣ ଅଧିବେଶନ ଅଧାରୁ ବନ୍ଦ ହୋଇ ଯାଇଥିଲା ।

କଟକ ମହାନଗର ନିଗମର ୩୭ତମ ସାଧାରଣ ଅଧିବେଶନ ଆଜି ବିଜୁଭବନ ସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ଜନୈକ କର୍ପୋରେଟରଙ୍କ ପରଲୋକ ଯୋଗୁ ତାଙ୍କର ଆତ୍ମାର ଶାନ୍ତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସିଏମସି କମିଶନର କିରଣଦୀପ କୌର ସହୋତା କେତେକ କର୍ପୋରେଟରଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଆଜିର ବୈଠକରେ ବାଲିଯାତ୍ରା ସଂପର୍କରେ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା । ମାତ୍ର ବୈଠକ ଅଧାରୁ ବାତିଲ ହେବା ପରେ ଏ ବିଷୟରେ କୌଣସି ଆଲୋଚନା ହୋଇପାରିନାହିଁ।

# ଝିଅ ବାହାଘରରେ କ୍ୟୁଆର କୋଡ୍ ପିନ୍ଧି ବୁଲିଲେ ବାପା

**କୋଚି,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କେରଳରୁ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଯେଉଁଠି ଏକ ବାହାଘରରେ ଜଣେ କନ୍ୟାପିତା ଉଭୟ ବୌଷୟିକ ଜ୍ଞାନ ଓ ପରମ୍ପରାକୁ ଏକ ସୂତ୍ରରେ ବାନ୍ଧି ନୂଆ କାମ କରି ଦେଖାଇଛନ୍ତି। ଯାହା ବର୍ତ୍ତମାନ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡି ଭଡିଓ ଭାବେ ଟ୍ରେଣ୍ଡ କରିବାରେ ଲାଗିଛି।

ଉକ୍ତ ଭିଡିଓରେ କନ୍ୟାପିତା ଜଣକ ନିଜ ପକେଟରେ ଏକ କ୍ୟୁଆର କୋଡ୍ ଝୁଲାଇ ଅତିଥିମାନଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଲୋକମାନେ ସିଧାସଳଖ ତାଙ୍କୁ ଏହି କ୍ୟୁଆର କୋଡ ଜରିଆରେ ଉପହାର ପ୍ରଦାନ କରିପାରିବେ। ଯାହାଫଳରେ ଅତିଥିମାନେ ତାଙ୍କୁ ଗିଫ୍ଟ କିମ୍ବା ଖାମ ଦେବା ବଦଳରେ ସିଧାସଳଖ ସେମାନଙ୍କ ଆଶିର୍ବାଦ ଡିଜିଟାଲ ମାଧ୍ୟମରେ ପ୍ରଦାନ କରିପାରିବାର ମାଧ୍ୟମ ସେ ଖୋଲା ରଖିଥିଲେ। ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭଇରାଲ ହେବା ପରେ, ୟୁଜର୍ସମାନେ ଉକ୍ତ ବ୍ୟକ୍ତିଙ୍କ ନବସୃଜନାତ୍ମକ ଚିନ୍ତାଧାରାକୁ ଖୁବ୍ ପ୍ରଶଂସା କରିଛନ୍ତି। ଯାହା କ୍ୟାସଲେସ ସେଲିବ୍ରେସନକୁ ପ୍ରୋତ୍ସାହନ ଦେଉଛି ବୋଲି ଅନେକ ଦାବି କରିଛନ୍ତି। ଏହାଛଡା ଅନେକ ୟୁଜର୍ସ ଏହାକୁ ଭାରତରେ ବଢୁଥିବା ଡିଜିଟାଲ ପେମେଣ୍ଟର ଲୋକପ୍ରିୟତାକୁ ଅନ୍ୟ ଏକ କାରଣ ବୋଲି କହିଛନ୍ତି। ଏହାଦ୍ୱାରା ଏକ ପାରମ୍ପରିକ ପଦ୍ଧତିକୁ ନୂଆ ପଦ୍ଧତି ଉପଯୋଗ କରି ଡିଜିଟାଲ ଭାବେ ନୂଆ ଶୈଳିରେ ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି।



## ସାଂଗଠନିକ କାର୍ଯ୍ୟରେ ସହଯୋଗ ପାଇଁ ୧୭ ନେତାଙ୍କୁ ନିଯୁକ୍ତ କଲା ବିଜେଡି

**ଭୁବନେଶ୍ୱର,୩୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ପାଇଁ ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରୀୟ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ୧୭ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେମାନେ ହେଲେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେଶ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ସର୍ମିଷ୍ଠା ସେଠୀ, ମହିଧର ରଣା, ରଘୁରାମ ପଡ଼ାଲ, ମାନସ ମାଡ଼କାମୀ, ଝିନ ହିକକା, ସଦାନନ୍ଦ ମାରାଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଈଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂହ ଏବଂ ଦୁଷ୍ମନ୍ତ ନାଏକ। ଏ ନେଇ ଦଳ ପକ୍ଷରୁ ଏକ ଆଦେଶନାମା ଜାରି ହୋଇଛି।

## ମନ୍ତ୍ରୀ ଭାବେ ଶପଥ ନେଲେ ଆଝାରୁଦ୍ଦିନ




**ହାଇଦ୍ରାବାଦ୍,୩୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ କ୍ରିକେଟ ଦଳର ପୂର୍ବ କ୍ୟାପଟେନ ମହମ୍ମଦ ଆଝାରୁଦ୍ଦିନ କେବେ ଭାରତୀୟ କ୍ରିକେଟର ଟିମ୍ ସମ୍ଭାଳିଥିଲେ। ଏବେ ସେ ତେଲେଙ୍ଗାନା ସରକାରରେ ଭାଗ ନେଇଛନ୍ତି। କଂଗ୍ରେସ ନେତା ତଥା ପୂର୍ବ କ୍ରିକେଟର ଆଝାରୁଦ୍ଦିନ ଶୁକ୍ରବାର ଦିନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ରାଜଭବନରେ ଆୟୋଜିତ ଏକ ସମାରୋହରେ ତାଙ୍କୁ ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଏହି ଶପଥଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ମନ୍ତ୍ରୀ ଓ ନେତା ଉପସ୍ଥିତ ଥିଲେ। ଆଝାରୁଦ୍ଦିନ ମନ୍ତ୍ରିମଣ୍ଡଳରେ ସାମିଲ ହେବା ପରେ ଏବେ ତେଲେଙ୍ଗାନା କ୍ୟାବିନେଟରେ ମନ୍ତ୍ରିଙ୍କ ସଂଖ୍ୟା ୧୬ରେ ପହଂଚିଛି। ଏବେ ବି ଆହୁରି ୨ଟି ମନ୍ତ୍ରିପଦ ଖାଲି ରହିଛି। ବିଧାନସଭା ଆକାରକୁ ନେଇ ତେଲେଙ୍ଗାନା ସରକାରରେ ସର୍ବାଧିକ ୧୮ ମନ୍ତ୍ରୀ ରହିପାରିବେ। ମହମ୍ମଦ ଆଝାରୁଦ୍ଦିନ ଅଗଷ୍ଟମାସ ଶେଷ ସପ୍ତାହରେ ରାଜ୍ୟପାଳଙ୍କ କୋଟାରେ ବିଧାନ ପରିଷଦ ସଦସ୍ୟ ଭାବେ ନାମିତ ହୋଇଥିଲେ। ସେ ୨୦୨୩ ବିଧାନସଭା ନିର୍ବାଚନରେ ଜୁବଲି ହିଲ୍ ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

ଆଝାରୁଦ୍ଦିନ ୨୦୦୯ ମସିହାରେ କ୍ରିକେଟ ଛାଡି ରାଜନୀତିରେ ପାଦ ଦେଇଥିଲେ। କଂଗ୍ରେସ ଟିକେଟରୁ ସେ ଉତ୍ତରପ୍ରଦେଶର ମୁରାଦାବାଦ ଲୋକସଭା ଆସନରୁ ପ୍ରାର୍ଥୀ କରିଥିଲା। ସେ ବିଜୟୀ ମଧ୍ୟ ହୋଇଥିଲେ। ହେଲେ ୨୦୧୪ ଓ ୨୦୨୩ ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୨୦୧୮ ମସିହାରେ ତେଲେଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ହୋଇଥିଲେ। ୨୦୨୩ ବିଧାନସଭା ନିର୍ବାଚନରେ ଜୁବଲିହିଲ୍ ଆସନରୁ ନିର୍ବାଚନ ଲଢି ୧୬ ହଜାର ଭୋଟରେ ପରାଜିତ ହୋଇଥିଲେ। ବିଆରଏସ୍ ପ୍ରାର୍ଥୀ ଆଝାରୁଦ୍ଦିନଙ୍କୁ ପରାଜିତ କରିଥିଲେ।

## ମହାକାଳପଡା ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ବରାଦପତ୍ର ପାଇବାର ୨ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**କେନ୍ଦ୍ରାପଡ଼ା,୩୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଅଧିନ ମହାକାଳପଡା ବ୍ଲକର ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବା ନିମନ୍ତେ ମହାକାଳପଡା ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ଓ ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଅଗଷ୍ଟମାସ ୫ତାରିଖରେ ସଂପୃକ୍ତ ସଦସ୍ୟମାନେ ପ୍ରଦାନ କରିଥିଲେ। କିନ୍ତୁ ଅଦ୍ୟାବଧି ସେହି ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ଉପରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍ ଶ୍ରୀ ନାୟକ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଓଡିଶା ପଞ୍ଚାୟତ ସମିତି ଆଇନ-୧୯୬୮ର ଧାରା ୪୬(ଖ)(୨)ର ଉପଧାରା (୧)ର (କ) ଅନୁଯାୟୀ ଭୋଟଦାନ ଅଧିକାର ଥିବା ଅନ୍ୟୁନ ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ସହିତ ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପର ନକଲ ଉପଜିଲ୍ଲାପାଳ ପାଇବା ପରେ ତତ୍‌କ୍ଷଣାତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଉପଧାରା (୧)ର (ଗ) ଅନୁଯାୟୀ ଉପଜିଲ୍ଲାପାଳ ସେହି ଅନସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଡକାଇବେ। ଏହି ବୈଠକ ନିମନ୍ତେ ସ୍ଥାନ, ତାରିଖ ଓ ସମୟ ଧାର୍ଯ୍ୟ କରିସାରିବା ପରେ ଧାର୍ଯ୍ୟ ତାରିଖର ଅନ୍ୟୁନ ୭ଦିନ ପୂର୍ଣ୍ଣ ଦିବସ ପୂର୍ବରୁ ଭୋଟଦାନ ଅଧିକାର ଥିବା ପ୍ରତ୍ୟେକ ସଦସ୍ୟମାନଙ୍କୁ ବରାଦପତ୍ର ଏବଂ ପ୍ରସ୍ତାବିତ ସଂକଳ୍ପର ନକଲ ସହିତ ନୋଟିସ ଦ୍ୱାରା ଅବଗତ କରାଇବା କଥା। କିନ୍ତୁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍ ଶ୍ରୀ ନାୟକ ମହାକାଳପଡା ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ପାଇବାର ପାଖାପାଖି ୩ମାସ ପରେବି ପଞ୍ଚାୟତ ସମିତି ଆଇନର ଧାରା ୪୬(କ)ର ଉପଧାରା (୨) (ଗ) ଅନୁଯାୟୀ କୌଣସି ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଯାହା ପଞ୍ଚାୟତ ସମିତି ଆଇନକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୂଷଣ: ଦିଲ୍ଲୀର...

ଉଡୁଥିବା ଧୂଳି ଏବଂ ନଡ଼ା ପୋଡ଼ିବା ସମେତ ବାୟୁ ପ୍ରଦୂଷଣର ମୂଳ କାରଣଗୁଡ଼ିକୁ ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଘର ଭିତରର ବାୟୁର ମାନ, ଓ ମାସ୍କ ପିନ୍ଧି ବାହାରିବା, ଭାଇରାଲ୍ ସଂକ୍ରମଣ ହ୍ରାସ ନପାଇବା ପର୍ଯ୍ୟନ୍ତ ବଡ଼ ଆକାରରେ ସମାବେଶ ନ କରିବା ଅଯଥାରେ ବାହାରେ ନ ବୁଲିବା ଭଳି ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରିଛନ୍ତି ସର୍ଭେର ଗବେଷକ।

### ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ...

ଭିନ୍ନକ୍ଷମମାନଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ିରେ ମନ୍ଦିର ନିକଟରେ ପହଞ୍ଚାଇବା ସୁବିଧା କରାଯାଇଥିଲା। ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ରହୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଅଗ୍ନିଶମ ଓ ସ୍ୱେଚ୍ଛାସେବୀମାନେ ଜଳ ସିଞ୍ଚନ, ପାନୀୟ ଜଳ ଯୋଗାଇ ଦେଇଥିଲେ। ବିଶ୍ରାମ ସ୍ଥଳ ସହ ବିଭିନ୍ନ ଅନୁଷ୍ଠାନ ସେବା ଯୋଗାଇ ଦେଇଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଯାତ୍ରା ସଫଳତା ନିମନ୍ତେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧିକ୍ଷକ ପ୍ରତିକୀ ସିଂ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ସହକାରୀ ଦେବୋତ୍ତର ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର, ଉପଜିଲ୍ଲାପାଳ ରାଜକିଶୋର ଜେନା, ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି, ଏସଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବିଜୟ କେତନ ବେହେରା, ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସେବାୟତ ସଂଘ ସଭାପତି ବିଜୟ ମହାପାତ୍ର, ସମ୍ପାଦକ ପ୍ରତାପ କୁମାର ମହାପାତ୍ର ଓ ଉପସଭାପତିଙ୍କ ସହିତ ସମସ୍ତ ସଦସ୍ୟ, ବରିଷ୍ଠ ସେବାୟତ ଓ କର୍ମକର୍ତ୍ତା ଉପସ୍ଥିତ ରହି ଶୃଙ୍ଖଳିତ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ଼ି.ଆଇ.ପି.ଆର.ଓ. ସନ୍ତୋଷ କୁମାର ସେଠିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଡାକ ବାଜି ଯନ୍ତ୍ର ଯୋଗେ ଲୋକ ମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ ବ୍ୟବସ୍ଥା କରାଯାଇଛି। ସତ୍ୟବାଦୀ ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପି ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଶ୍ରୀରାଧା ଉତ୍ସବ ଆରମ୍ଭ କରାଯାଇଥିବା ବେଳେ ପଲ୍ଲିଶ୍ରୀ ମେଳାରେ ପ୍ରଦର୍ଶନ ମଣ୍ଡପ ଖୋଲାଯାଇଛି।

### ପ୍ରୀତିରଞ୍ଜନ ଘଡ଼େଇଙ୍କ...

ପରେ ପୁଲିସ ପ୍ରଶାସନର ବିଶ୍ୱସନୀୟତା ସଙ୍କଟରେ ପଡିଛି ତଥା ସରକାରଙ୍କ ଭାବମୂର୍ତ୍ତି ପ୍ରତି ଅଙ୍ଗୁଳି ଉଠାଇବାର ସୁଯୋଗ ବିରୋଧୀ ଦଳଙ୍କୁ ମିଳିଯାଇଛି। ପ୍ରଥମେ କଂଗ୍ରେସ ଅଫିସ୍ ଓ ଆଜି ବିଜେଡି ନେତା ପ୍ରୀତିରଞ୍ଜନ ଘଡେଇ ରହୁଥିବା ଘରେ ପୁଲିସ ଚଢ଼ାଉ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ଓ କେଉଁ ବିଶ୍ୱସନୀୟ ଗୁଇନ୍ଦା ତଥ୍ୟ ଆଧାରରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଏହି ଚଢ଼ାଉ କରିଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଚଢ଼ାଉବେଳେ କିଛି ମିଳୁନାହିଁ ତା'ହେଲେ ସେଭଳି ଗୁଇନ୍ଦା ତଥ୍ୟ ଉପରେ ଭରସା କରିବା ପୂର୍ବରୁ କାହିଁକି ତା'ର ସର୍ବୋଚ୍ଚସ୍ତରରେ ଯାଂଚ କରାଗଲା ନାହିଁ। ଜିଲ୍ଲା ରିଟର୍ଣ୍ଣିଂ ଅଫିସର ବା ନିର୍ବାଚନ ଅଧିକାରୀ ଏଭଳି ଚଢ଼ାଉ ପାଇଁ ଅନୁମତି ଦେଇଥିଲେ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଲାଣି। ପୁଲିସର ଏଭଳି ଆଭିମୁଖ୍ୟ ସିଧାସଳଖ ମୋହନ ମାଝୀ ସରକାରଙ୍କ ଭାବମୂର୍ତ୍ତିକୁ ନଷ୍ଟ କରୁଥିବା ଆଶଙ୍କା କରାଯାଉଛି। ମୋହନ ସରକାରଙ୍କୁ ବଦନାମ କରିବା ପାଇଁ ପୁଲିସର ଏଭଳି ଅପବ୍ୟବହାର କିଏ କରୁଛି ତାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଯଦିଓ କୌଣସି ସୂଚନା ଆଧାରରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଟିମ୍ ତଲାସୀ କରିବା ଆଇନତଃ ବୈଧ ବୋଲି ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଏସଓପିରୁ ଜଣାପଡିଛି। ତଥାପି ବିଜେଡି କର୍ମୀମାନଙ୍କ ବିରୋଧ ଓ ଆଚରଣକୁ ନେଇ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠିଛି।

### ଅଡୁଆରେ ବ୍ରହ୍ମପୁର...

ନିର୍ବାଚନ ମାମଲା କଥା ଉଠାଇଥିଲେ। ବିକ୍ରମ ପଣ୍ଡା ଏବଂ ଶିବଶଙ୍କର ଦାସଙ୍କ ମଧ୍ୟରେ କମନ୍ ଲିଙ୍କ ଥିବା ନେଇ ଏସପି ଟିପ୍ପଣୀ ଦେଇଥିଲେ। ଏସପି କହିଥିଲେ, ଏହି କମନ ଲିଙ୍କ୍ ଥିଲା ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଦାୟର ହୋଇଥିବା ନିର୍ବାଚନୀ ମାମଲା। ଶିବଶଙ୍କର ମାମଲା କରିଥିଲେ, ବିକ୍ରମ ଖର୍ଚ୍ଚ ବହନ କରୁଥିଲେ। ଏସପିଙ୍କ ଏହି ଟିପ୍ପଣୀ ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି।

### ଆଜିଠୁ ସୁଭଦ୍ରା...

ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତାଦ'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ ।

### ଆଶା ଆଶଙ୍କାରେ...

ଅଲିଭରିଡଲେ କଇଁଛଙ୍କ ପ୍ରଜନନ ଋତୁ ହୋଇଥିବାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭରିଡଲେ କଇଁଛ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ନିଜର ବଂଶ ବିସ୍ତାର ପାଇଁ ଆସିଥାଆନ୍ତି । ସମୁଦ୍ରକୁ ଲାଗିଥିବା ଇକୋରିଟ୍ରିଟର ଉଜ୍ଜ୍ୱଳ ଆଲୋକ, ଶବ୍ଦ ଓ ବିଶେଷକରି ଶୌଚାଳୟର ବର୍ଜ୍ୟବସ୍ତୁ ସମୁଦ୍ରକୁ ଯାଇଥାଏ । ଏହାବ୍ୟତୀତ ପର୍ଯ୍ୟଟକମାନେ ସମୁଦ୍ର ମଧ୍ୟରେ ଦ୍ରୁତ ଇନ ଚାଳିତ ବୋଟରେ ବୁଲିଥାନ୍ତି । କେବଳ ଅଲିଭରିଡଲେ କଇଁଛ ନୁହେଁ, ଏଠାରେ ଦେଖାଯାଉଥିବା ବିଭିନ୍ନ ପ୍ରଜାତିର ଡଲଫିନ ଯେଉଁମାନଙ୍କୁ ପର୍ଯ୍ୟଟକମାନେ ବର୍ଷ ତମାମ ଦେଖିବାକୁ ପାଇଥାଆନ୍ତି , ସେମାନେ ମଧ୍ୟ ବହୁ ପରିମାଣରେ ପ୍ରଭାବିତ ହେଉଛନ୍ତି । ଯାହାଫଳରେ ସେମାନଙ୍କୁ ଦେଖିବାକୁ ମିଳୁନାହିଁ । ଏହାବ୍ୟତୀତ ବଙ୍ଗୋପସାଗରରେ ରହୁଥିବା ବିଭିନ୍ନ ଜଳଜୀବ ମଧ୍ୟ ପ୍ରଭାବିତ ହେଉଛନ୍ତି । ଏହାକୁ ଆଧାରକରି ଶ୍ରୀ ସାମନ୍ତରାୟ ୨୦୨୪ମସିହାରେ ଏନଜିଟିର ଆଶ୍ରୟ ନେଇଥିଲେ । ଯେଉଁଥିରେ ସେ ଭାରତ ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟର ବନ୍ୟପ୍ରାଣୀ ବିଭାଗର ଅତିରିକ୍ତ ଡିଜି, ରାଜ୍ୟ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟର ସଚିବ, କେନ୍ଦ୍ରାପଡା ଜିଲ୍ଲାପାଳ ଓ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ପକ୍ଷ କରିଥିଲେ । ଏହି ଅଭିଯୋଗର ଚଳିତ ବର୍ଷ ନଭେମ୍ବର ୧୯ତାରିଖ ଦିନ ଅନ୍ୟ ଏକ ଶୁଣାଣୀ ହେବ ବୋଲି ଶ୍ରୀ ସାମନ୍ତରାୟ ସୂଚନା ଦେଇଛନ୍ତି । ଏହି ମାମଲା ବିଚାରାଧିନ ଥିବାରୁ ଇକୋରିଟ୍ରିଟ୍ କରିବା ପାଇଁ ସରକାରଙ୍କ ପକ୍ଷରୁ ସଂପୃକ୍ତ ଠିକାସଂସ୍ଥାକୁ ଅନୁମତି ମିଳିନାହିଁ । ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ନିର୍ମାଣାଧିନ ଇକୋରିଟ୍ରିଟକୁ ବନ୍ଦ କରିଥିବା ଜଣାପଡିଛି । ଏନେଇ ବନଖଣ୍ଡ ଅଧିକାରୀ ଶ୍ରୀ ଗାଓଁକରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ଚଳିତ ବର୍ଷ ଭିତରକନିକା ଇକୋରିଟ୍ରିଟ୍ ଅନୁଷ୍ଠିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

### କେନ୍ଦ୍ରାପଡ଼ାବାସୀଙ୍କ ଭାଗ୍ୟ...

ଉଠାଇ ନିଆଗଲା। ପୌର କର୍ତ୍ତୃପକ୍ଷ ହୁଅନ୍ତୁ ବା ପୌର ଇନୟର ମାନେ ହୁଅନ୍ତୁ କେଉଁ ଜ୍ଞାନ କୌଶଳକୁ ଉପଯୋଗ କରି ଏହି ଭେଣ୍ଡିଂ ଜୋନ୍ ଓ ଟାଇଲ ରାସ୍ତା କଲେ କେଜାଣି ମୁଖ୍ୟ ରାସ୍ତା ସଂକୁଚିତ ହେବା ସହ ଅସରାଏ ବର୍ଷାରେ ଏହି ରାସ୍ତାର ଟାଇଲ ଅଂଶତକ ପାଦପ୍ରକ୍ଷାଳନ ଜୋନ୍‌ରେ ପରିଣତ ହୋଇଛି । କେବଳ ସେତିକି ନୁହେଁ ପୌର ସଂସ୍ଥାର ଏହି ରାସ୍ତା ଅବରୋଧକୁ ଲକ୍ଷ୍ୟ କରି ନିଜର ପ୍ରଚାର ପ୍ରସାର ପାଇଁ ପୂର୍ବତନ ବିଧାୟକ ଶଶି ବେହେରା ତିନିମୁହାଣି ଛକର ସଂପ୍ରସାରଣ ପାଇଁ ଭଙ୍ଗା ଯାଇଥିବା ଶୌଚାଳୟ ସ୍ଥାନକୁ ଗାନ୍ଧୀ ସ୍ମାରକୀ ନିର୍ମାଣ କରାଇ ଏହାକୁ ପୁଣି ଅବରୋଧ କରିଦେଲେ। ଲୋକଙ୍କୁ ବିକଶିତ କେନ୍ଦ୍ରାପଡ଼ା ସହର ର ସ୍ୱପ୍ନ ଦେଖାଉଥିବା ନେତା ଓ ଅଧିକାରୀ ସହରର ପ୍ରବେଶ ପଥ ରାସ୍ତାକୁ ଅବରୋଧ କରିବା ଭଳି ଦୂରଦୃଷ୍ଟିହୀନ ସଙ୍କୁଚିତ ନିଷ୍ପତ୍ତିକୁ ସରକାର ଆଖି ବୁଜି ଦେଲେ। ଅପରପକ୍ଷରେ ପୁରୁଣା ବସଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ମହାଭୋଇ ପୋଖରୀ, ଗୋବରୀ କେନାଲର ସୌନ୍ଦର୍ଯ୍ୟକରଣ ଯାଏ ଦିଆଯାଇଥିବା ପ୍ରତିଶ୍ରୁତି ସେମିତି ପ୍ରତିଶ୍ରୁତିରେ ରହିଛି। ଆଉ କେନ୍ଦ୍ରାପଡ଼ା ସହରର ମୁଖ୍ୟ ସମସ୍ୟା ସ୍ୱରେଜ ବ୍ୟବସ୍ଥା କାହାକୁ ଏଯାଏ ଛୁଇଁ ପାରିନାହିଁ । ସବୁଠାରୁ ବଡ଼ କଥା ହେଲା ସରକାର ରଜ୍ୟ ବ୍ୟାପୀ ପ୍ରମୁଖ ଦେବାଦେବୀଙ୍କ ପୀଠର ରୂପାନ୍ତରଣ ପାଇଁ ସରକାର ପଦକ୍ଷେପ ନେଇ ଥିବା ବେଳେ କେନ୍ଦ୍ରାପଡ଼ାସହର ଓ ଏହାର ଆରାଧ୍ୟ ତଥା ରାଜ୍ୟରେ ପ୍ରସିଦ୍ଧ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ରୂପାନ୍ତରଣ କାହିଁକି ଛୁଇଁ ପାରୁନି ତାହା ଏଯାଏ ବୁଝାପଡୁନାହିଁ ବୋଲି କୁହାଯାଇଛି।

### ତିନିଦିନ ଧରି...

ପଢୁଛନ୍ତି। ୪ଜଣ ଶିକ୍ଷକ /ଶିକ୍ଷୟିତ୍ରୀ ଓ ଦୁଇଜଣ ପାଚିକା ଏଠି କାର୍ଯ୍ୟରତ। ପୂର୍ବରୁ ବିଭିନ୍ନ ସମୟରେ ଏମିତିକି ପାଚିକାଙ୍କ ଦ୍ୱାରା ଶିକ୍ଷକଙ୍କ ନାମରେ ଦୁର୍ବ୍ୟବହାର କେସ୍ ଥାନାରେ ଅଭିଯୋଗ ହୋଇ ସମାଧାନ ହୋଇଛି। ଗ୍ରାମ ପରିବେଶ ମଧ୍ୟରେ ଏହି ବିଦ୍ୟାଳୟର ଶୈକ୍ଷିକ ପରିବେଶ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଅଭିଭାବକ କମିଟି ରହିଥିବା ବେଳେ ତିନିଦନ ଧରି ରୋଷେଇ ହୋଇ ମଧ୍ୟାହ୍ନ ଭୋଜନ ରହୁଥିଲେ ବି ଛାତ୍ରଛାତ୍ରୀମାନେ ଘରେ ଯାଇ ଖାଉଛନ୍ତି କିନ୍ତୁ ସ୍କୁଲରେ ଖାଉ ନାହାନ୍ତି। ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ନେଇ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସ୍ମିତାରାଣୀ ମହାପାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣାଇଥିବା କହିଛନ୍ତି। ତିନିଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ସମାଧାନର ସୂତ୍ର ବାହାରୁନି। ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଶିକ୍ଷାଧିକାରୀଙ୍କ ଠାରୁ ଅତିରିକ୍ତ ଅଧିକାରୀ ବିଆରସିସି ସିଆରସିସି ପର୍ଯ୍ୟନ୍ତ ଅଧିକାରୀମାନେ ବିଦ୍ୟାଳୟ ପରିଚ୍ଳନା ପାଇଁ ରହିଥିବାବେଳେ ମଧ୍ୟାହ୍ନ ଭୋଜନକୁ ନେଇ ବିଦ୍ୟାଳୟ ପରିସରରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବିଭାଗ ହସ୍ତକ୍ଷେପ ଜରୁରୀ ହୋଇପଡିଛି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ